୨୬ ବର୍ଷରେ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ
Vol.26 . No.140 Bhubaneswar Sunday July 07 2024 ୨୬ତମ ବର୍ଷ ସଂଖ୍ୟା-୧୪୦ ଭୁବନେଶ୍ୱର, ଶନିବାର, ଜୁଲାଇ ୦୭, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ରାତି ପାହିଲେ ମହାପ୍ରଭୁଙ୍କ ଘୋଷଯାତ୍ରା; ସିଂହଦ୍ୱାର ସମ୍ମୁଖରେ ୩ ରଥ

ଭୁବନେଶ୍ୱର,୬ା୭(ପି.ଏନ): ରାତି ପାହିଲେ ମହାପ୍ରଭୁଙ୍କ ଘୋଷଯାତ୍ରା। ସେଥିପାଇଁ ରଥ ପ୍ରସ୍ତୁତ। ପଥ ମଧ୍ୟ ପ୍ରସ୍ତୁତ। ଶ୍ରୀମନ୍ଦିର ସିଂହଦ୍ୱାର ଆଗରେ ଦଣ୍ଡାୟମାନ ହୋଇଛି ସୁସଜ୍ଜିତ ତିନି ରଥ। ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ ସହ ଦଉଡି ଟାଣି ଜୀବନକୁ କୃତାର୍ଥ କରିବାକୁ ଭକ୍ତପ୍ରାଣ ଉଚ୍ଛନ୍ନ। ବିରଳ ସଂଯୋଗକ୍ରମେ ୫୩ ବର୍ଷ ପରେ ଏଥର ୨ ଦିନ ଧରି ଚାଲିବ ରଥଟଣା। ସେଥିପାଇଁ ସଅଳ ନୀତିକାନ୍ତି ସହ ଶୃଙ୍ଖଳାର ସହ କେମିତି ରଥଯାତ୍ରା ସଂପନ୍ନ ହେବ ତା' ଉପରେ ଗୁରୁତ୍ୱ ଦେଇଛି ପ୍ରଶାସନ।ପଟିଦିଅଁଙ୍କଠାରୁ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଧରି ପହଞ୍ଚିବା ପରେ ଗୋଟିଏ ପରେ ଗୋଟିଏ ରଥକୁ ଟାଣି ନିଆଯାଇଥିଲା ସିଂହଦ୍ୱାର ସମ୍ମୁଖକୁ। ଡାହୁକ ବୋଲିରେ ପ୍ରଥମେ ନନ୍ଦିଘୋଷ, ପରେ ଦର୍ପଦଳନ ଆଉ ତା'ପରେ ଶେଷରେ ତାଳଧ୍ୱଜ ରଥକୁ ଟାଣିନେଇଥିଲେ ସ୍ୱେଚ୍ଛାସେବୀ, ସେବାୟତଙ୍କ ସହ ସୁରକ୍ଷାବାହିନୀ।



## ଡବଲ୍ ଏନକାଉଣ୍ଟର୍: ୪ ଆତଙ୍କୀ ସଫା, ୨ ଯବାନ ସହିଦ

ଭୁବନେଶ୍ୱର,୬ା୭(ପି.ଏନ): ଜମ୍ମୁ-କଶ୍ମୀର କୁଲଗାମରେ ଆଜି ଡବଲ ଏନକାଉଣ୍ଟର ହୋଇଛି। ଦୁଇଟି ସ୍ଥାନରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ୪ ଜଣ ଆତଙ୍କବାଦୀ ନିହତ ହୋଇଥିବା ବେଳେ ସେମାନଙ୍କ ମୁକାବିଲା କରି ୨ ଜଣ ଯବାନ ସହିଦ ହୋଇଛନ୍ତି। ଏବେ ବି କୁଲଗାମର ଉଭୟ ସ୍ଥାନରେ ଗୁଳି ବିନିମୟ ଜାରି ରହିଛି।ସେନା ପକ୍ଷରୁ ଦିଆଯାଇଥିବା ପ୍ରାଥମିକ ସୂଚନା ଅନୁସାରେ, କୁଲଗାମ ଜିଲ୍ଲାର ଫ୍ରସାଲ ଅଞ୍ଚଳ ଅନ୍ତର୍ଗତ ଚାନିଗାମରେ ହୋଇଥିବା ଏନକାଉଣ୍ଟରରେ ୪ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ୪ ଆତଙ୍କବାଦୀଙ୍କ ମଧ୍ୟରେ ଜଣେ ଏରିଆ କମାଣ୍ଡର ରହିଛି। ଏମାନଙ୍କ ଲିଙ୍କ ପାକିସ୍ତାନରେ ସକ୍ରିୟ ଆତଙ୍କୀ ସଂଗଠନ ଲସ୍କର ସହ ଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ସେହିପରି ଏଠାରେ ଜଣେ ଯବାନ ସହିଦ ହୋଇଥିବା ବେଳେ ଆଉ ଜଣେ ଆହତ ହୋଇଛନ୍ତି। ଏବେ ବି ସେଠାରେ ସର୍ଚ୍ଚ ଅପରେସନ ସହ ଗୁଳି ବିନିମୟ ଜାରି ରହିଛି।

## ୪ ଦିନିଆ ଓଡିଶା ଗସ୍ତରେ ରାଷ୍ଟ୍ରପତି, ପୁରୀ ରଥଯାତ୍ରାରେ ହେବେ ସାମିଲ



ଭୁବନେଶ୍ୱର,୬ା୭(ପି.ଏନ):୪ ଦିନିଆ ଓଡିଶା ଗସ୍ତରେ ଆସିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଆଜି ପ୍ରଥମ ଦିନରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଆୟୋଜିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧ ଉତ୍ସବରେ ଯୋଗ ଦେଇଛନ୍ତି ରାଷ୍ଟ୍ରପତି। ଲୋକ ସେବକ ମଣ୍ଡଳ ଓ ସମାଜ ପରିବାର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାଙ୍କ ସହିତ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସାମିଲ ହୋଇଛନ୍ତି।

## ମଧ୍ୟାହ୍ନ ଭୋଜନରେ କେବଳ ଭାତ ଓ ହଳଦୀ

ଭୁବନେଶ୍ୱର,୬ା୭(ପି.ଏନ):ପୂର୍ବରୁ ମଧ୍ୟାହ୍ନ ଭୋଜନରେ ରୁଟି ସହ ଲୁଣ ଦିଆଯାଉଥିବା ଖବର ଆସିଥିଲା। ଏବେ ମଧ୍ୟାହ୍ନ ଭୋଜନରେ ଛୋଟ ପିଲାଙ୍କୁ କେବଳ ଭାତରେ ସାମାନ୍ୟ ହଳଦୀ ପକାଇ ଦିଆଯାଇଛି। ଛତିଶଗଡର ଗୋଟିଏ ସ୍କୁଲରୁ ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି। ପିଲାମାନଙ୍କୁ କେବଳ ସାଦା ଭାତରେ ହଳଦୀ ପକାଇ ଖାଇବାକୁ ଦିଆଯାଉଛି। ଏଥିରେ କୌଣସି ପରିବା ନାହିଁ। ପିଲାଙ୍କୁ ଖେଚୁଡି ନାଁରେ କେବଳ ଭାତ ଓ ହଳଦୀ ଦିଆଯାଇଥିବା ଅଭିଯୋଗ ହୋଇଛି।

















# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହି ଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୁଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍‌ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି । ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି । ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଆମ କ୍ରୀଡା ଦିବସ

ପ୍ରକୃତିର ସ୍ୱର୍ଗୀୟ ଅପରୂପ ସୌନ୍ଦର୍ଯ୍ୟରେ ମଣିଷ ଯେତେବେଳେ ଆତ୍ମବିଭୋର ହୋଇପଡେ, ସବୁଜ ଶସ୍ୟକ୍ଷେତ୍ର, ନିର୍ଝରିଣୀର କୁଳୁକୁଳୁ ସ୍ୱନ, ବିହଙ୍ଗମାନଙ୍କର କାକଳି, ଆକାଶର କମନୀୟ ରୂପ, ଏହିସବୁ ଯେତେବେଳେ ଜୀବନର ସ୍ୱାଦ ରୂପେ ଉପଭୋଗ କରେ, ଯୁଗେ ଯୁଗେ ପ୍ରକୃତିର ଶାନ୍ତକାନ୍ତ କମନୀୟ ରୂପମାଧୁରୀ କବି, ଦର୍ଶକ, ଭାବୁକ, କଳାକାର ଓ ଲେଖକମାନଙ୍କୁ ବିମୋହିତ କରୁଥାଏ। ତଥାପି କର୍ମକ୍ଳାନ୍ତ ମଣିଷ ଜୀବନରେ ଅଣନିଃଶ୍ୱାସୀ ହୋଇ ଖୋଜେ ଚିତ ବିନୋଦର ବିବିଧ ମାଧ୍ୟମ। ମନୁଷ୍ୟର ମନୋରଞ୍ଜନ ନିମିତ ଥିବା ବିଭିନ୍ନ ବ୍ୟବସ୍ଥା ମଧ୍ୟରେ କ୍ରୀଡା ଅନ୍ୟତମ। କିଏ ଖେଳରେ ଅଂଶ ଗ୍ରହଣ କରି ଆନନ୍ଦ ଲାଭ କରେ ତ କିଏ ଖେଳ ଦେଖି ତାକୁ ଉପଭୋଗ କରେ। ବର୍ତମାନ ବିଦ୍ୟା, ବୁଦ୍ଧି, କୌଶଳ, କାର୍ଯ୍ୟ ଓ ଦକ୍ଷତା ପ୍ରଭୃତିରେ ପରସ୍ପରକୁ ଅତିକ୍ରମ କରିବା ପାଇଁ ମାନବ ସମାଜ ମଧ୍ୟରେ ଯେଉଁ ପ୍ରଚେଷ୍ଟା ଦୃଷ୍ଟିଗୋଚର ହୁଏ, ତାହା ହିଁ ପ୍ରତିଯୋଗିତା ନାମରେ ପରିଚିତ। ଦେଶ ଦେଶ ମଧ୍ୟରେ, ଜାତି ଜାତି ମଧ୍ୟରେ ସବୁ ଶ୍ରେଣୀ ମଧ୍ୟରେ ଉଚ୍ଚ, ନୀଚ୍ଚ, ବଡ, ସାନ ସମସ୍ତଙ୍କ ମଧ୍ୟରେ ପ୍ରତିଯୋଗିତାର ପରାକାଷ୍ଠା ମୁଣ୍ଡ ଟେକିଛି। ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ, ଖେଳକୁଦରେ ପ୍ରତିଯୋଗିତାର ଯୁଗ ଆରମ୍ଭ ହୋଇଯାଇଛି। ଜାତୀୟ, ଅନ୍ତର୍ଜାତୀୟ ଓ ଆଂଚଳିକ ସ୍ତରରେ ହେଉଥିବା କ୍ରୀଡା ପ୍ରତିଯୋଗିତାକୁ ପ୍ରତ୍ୟେକ ଦେଶ ଓ ପ୍ରତ୍ୟେକ ଜାତି ଉତ୍ସାହିତ କରିବାରେ ଲାଗିପଡିଛନ୍ତି। କ୍ରୀଡାଭୂମିରୁ ବଡ ବଡ ରାଜନୀତିଜ୍ଞ ଓ ଶାସକ ଗଢ଼ିଉଠନ୍ତି। ମନୁଷ୍ୟର ଶାରୀରିକ, ମାନସିକ ଓ ନୈତିକ ସ୍ୱାସ୍ଥ୍ୟର ଉନ୍ନତି ନିମିତ କ୍ରୀଡା ଆବଶ୍ୟକ ଜରୁରୀ ହୋଇପଡିଛି।

ପ୍ରାଚୀନ କାଳରୁ ଆଦିମ ମନୁଷ୍ୟ ଶିକାର କରିବାର କୌଶଳକୁ ପର ଅବସ୍ଥାରେ କିଛିଟା ନିଜ ବୁଦ୍ଧି ବଳରେ ଖେଳରେ ଲଗାଇଥିଲା। ପ୍ରକାରଭେଦରେ କେତେକ ଖେଳକୁ ଶାରୀରିକ କ୍ରୀଡା ଓ କେତେକ ଖେଳକୁ ମାନସିକ କ୍ରୀଡାର ପର୍ଯ୍ୟାୟଭୁକ୍ତ କରାଯାଇପାରେ। କେତେକ କ୍ରୀଡା ଗୃହ ମଧ୍ୟରେ ଅନୁଷ୍ଠିତ ହୁଏ ଏବଂ କେତେକ କ୍ରୀଡା ବାହାରେ କରାଯାଇଥାଏ। ଯେତେପ୍ରକାର କ୍ରୀଡା ଅଛି ସେସବୁଗୁଡିକୁ ଆମେ ଦୁଇଟି ଶ୍ରେଣୀରେ ବିଭକ୍ତ କରିଛେ। ପ୍ରଥମତଃ ଦେଶୀୟ କ୍ରୀଡା ଏବଂ ଦ୍ୱିତୀୟତଃ ବିଦେଶୀୟ କ୍ରୀଡା। ଦେଶୀୟ କ୍ରୀଡା କହିଲେ କବାଡି, ବୋହୂଚୋରି, ଚୋର ପୁଲିସ୍, ଖୋଖୋ, ହକି, ତାସ୍ ଓ ଲୁଡୋ ଆଦି କେତେକ ଖେଳକୁ ବୁଝାଏ। ବିଦେଶୀୟ କ୍ରୀଡା କହିଲେ ଫୁଟ୍‌ବଲ୍, ଭଲିବଲ, କ୍ରିକେଟ, ନେଟବଲ୍, ଟେନିସ୍, ଗଲ୍ଫ ଓ ବାସ୍କେଟବଲ ଆଦିକୁ ସୂଚାଇଥାଏ।

କ୍ରୀଡା ଏକ ଶାରୀରିକ ବ୍ୟାୟାମ, ଯିଏ ମନକୁ ପ୍ରଫୁଲ୍ଲତା ଆଣେ ଓ ଶାରୀରିକ ଶକ୍ତି ବଢ଼ାଏ। କ୍ରୀଡା ଶୃଙ୍ଖଳା, ସହଯୋଗିତା ଓ ସହନଶୀଳତା ଶିକ୍ଷା ଦିଏ। ଜାତି ଜାତି ଓ ଦେଶ




ଦେଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାରେ ସହାୟକ ହୁଏ। କ୍ରୀଡା ସମୟନିଷ୍ଠ, ନିୟମାନୁବର୍ତିତା, ଏକାଗ୍ରତା ଓ ନେତୃତ୍ୱ ଦେବାର କଳା ଶିଖାଏ। ଅନେକ ସମୟରେ ଖେଳାଳିମାନେ ଖେଳାଳି ମନୋବୃତି ଭୁଲିଯାଇ ପ୍ରତିପକ୍ଷର ବିଜୟରେ ଅସହିଷ୍ଣୁ ହୋଇପଡନ୍ତି। ଫଳରେ ଭୟାନକ ପରିସ୍ଥିତି ଦେଶ ଦେଶ ମଧ୍ୟରେ ସୃଷ୍ଟି ହୁଏ। ଦର୍ଶକ ହୁଅନ୍ତୁ ବା ଖେଳାଳି ସମସ୍ତେ ଅସହିଷ୍ଣୁତା ତ୍ୟାଗ କରି ନୈତିକ ପ୍ରତିଯୋଗିତାରେ ମନୋନିବେଶ କରିବା ବିଧେୟ। କ୍ରୀଡା ପ୍ରତିଯୋଗିତାର ମଧ୍ୟସ୍ଥ ବ୍ୟକ୍ତି ଉଭୟ ପକ୍ଷ ଖେଳାଳିମାନଙ୍କର ବିଶ୍ୱାସଭାଜନ ହେବା ଉଚିତ।

କ୍ରୀଡା ପ୍ରତିଯୋଗିତାର ଇତିହାସ ବହୁ ପୁରାତନ। ଅଲିମ୍ପିକ୍ କ୍ରୀଡା ପ୍ରତିଯୋଗିତା ସବୁଠାରୁ ପ୍ରାଚୀନ ଓ ବିଶ୍ୱପ୍ରସିଦ୍ଧ। ଏହି କ୍ରୀଡା ପ୍ରତିଯୋଗିତା ଗ୍ରୀସ୍ ଦେଶର ଅଲମ୍ପିଆ ନାମକ ସ୍ଥାନରେ ଅନୁଷ୍ଠିତ ହେଉଥିବାରୁ ଏହାକୁ ଅଲମ୍ପିକ୍ କ୍ରୀଡା ପ୍ରତିଯୋଗିତା କୁହାଯାଏ (ଅଲିମ୍ପିକ୍ ଶବ୍ଦଟି ଅଲମ୍ପିଆ ଶବ୍ଦରୁ ଆସିଅଛି)। ଗ୍ରୀକ୍‌ମାନଙ୍କର ପ୍ରଧାନ ଦେବତା ଜୀୟସ୍‌ଙ୍କ ଉଦ୍ଦେଶ୍ୟରେ ଏହି କ୍ରୀଡା ପ୍ରତି ଚାରିବର୍ଷରେ ଥରେ ଅନୁଷ୍ଠିତ ହେଉଥିଲା। ପୂର୍ବେ ଗ୍ରୀକ୍ ବହୁ ନଗର ଓ ରାଜ୍ୟରେ ବିଭକ୍ତ ହୋଇ ଯୁଦ୍ଧରେ ମାତି ରହୁଥିଲା। ଅଲିମ୍ପିକ୍ କ୍ରୀଡା ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱର ବାର୍ତା ସୃଷ୍ଟି କରୁଥିଲା। ଅଲିମ୍ପିକ୍ କ୍ରୀଡା ଯୋଗୁ ସେମାନେ ଏକତା ସୂତ୍ରରେ ବାନ୍ଧି ହୋଇ ରହିପାରୁଥିଲେ।

ଅଲିମ୍ପିକ୍ କ୍ରୀଡାରେ ପ୍ରଥମେ ଗ୍ରୀକ୍ ନଗର ରାଜ୍ୟର ଖେଳାଳିମାନେ ଯୋଗ ଦେଉଥିଲେ। ଏହି ଖେଳରେ ନାରୀମାନଙ୍କୁ ଖେଳିବାକୁ ଅନୁମତି ମିଳୁ ନ ଥିଲା।

କିନ୍ତୁ ସମୟକ୍ରମେ ବିଭିନ୍ନ ଦେଶର ଖେଳାଳିମାନେ ଏହି ଖେଳରେ ଅଂଶଗ୍ରହଣ କରିବାକୁ ଲାଗିଲେ। ଗ୍ରୀସ୍ ଓ ରୋମ୍ ମଧ୍ୟରେ ଯୁଦ୍ଧ ଲାଗିବାରୁ ଖ୍ରୀଷ୍ଟପୂର୍ବ ୭୭୬ରୁ ଆରମ୍ଭ ହୋଇଥିବା ଏହି ଖେଳ ୧୩୯୪ ଖ୍ରୀଷ୍ଟାବ୍ଦରେ ବନ୍ଦ ହୋଇଯାଇଥିଲା। ଫରାସୀ ଯୁବକ ବ୍ୟାରେନ୍ ପ୍ୟାରିଡଙ୍କ ଚେଷ୍ଟା ଫଳରେ ଅଲିମ୍ପିକ୍ କ୍ରୀଡା ପ୍ରତିଯୋଗିତା ୧୮୯୬ ଖ୍ରୀଷ୍ଟାବ୍ଦରେ ପୁନର୍ବାର ଆରମ୍ଭ ହେଲା। କିନ୍ତୁ ଏହି କ୍ରୀଡା ଅଲମ୍ପିଆଠାରେ ନ ହୋଇ ବିଭିନ୍ନ ଦେଶରେ ଅନୁଷ୍ଠିତ ହେଉଅଛି। ୧୯୧୪ ଖ୍ରୀଷ୍ଟାବ୍ଦରୁ ୧୯୧୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ପ୍ରଥମ ବିଶ୍ୱଯୁଦ୍ଧ ଯୋଗୁ କ୍ରୀଡା ପ୍ରତିଯୋଗିତା ବନ୍ଦ ଥିଲା। ୧୯୨୮ ମସିହାଠାରୁ ଭାରତବର୍ଷ ଅଲିମ୍ପିକ୍ କ୍ରୀଡାରେ ଅଂଶଗ୍ରହଣ କରି ଆସୁଅଛି। ଏହି ପ୍ରତିଯୋଗିତାରେ ଭାରତ ତା'ର ଜାତୀୟ ଖେଳ ହକିରେ ସ୍ୱର୍ଣ୍ଣପଦକରେ ବିଭୂଷିତ ହୋଇଥିଲା। ଅଲିମ୍ପିକ କ୍ରୀଡା ପ୍ରତିଯୋଗିତା ହେଉଛି, ଆଧୁନିକ ଜଗତର ସର୍ବପ୍ରଥମ ଆନ୍ତର୍ଜାତିକ କ୍ରୀଡା ପ୍ରତିଯୋଗିତା ସଂଗଠନ। ଏହି ପ୍ରତିଯୋଗିତାରେ ଏବେ ପୁରୁଷ ଓ ନାରୀ ଉଭୟ ଯୋଗଦେଉଛନ୍ତି।

ଅଲିମ୍ପିକ୍ କ୍ରୀଡା ବ୍ୟତୀତ ଅନ୍ୟାନ୍ୟ ବହୁବିଧ କ୍ରୀଡା ପ୍ରତିଯୋଗିତା ସଂଗଠନମାନ ସୃଷ୍ଟି କରାଯାଇଅଛି। ଯଥା- ଏସିଆଡ୍, ଡେଭିସ୍ କପ୍, ଡର୍ବିରେସ୍, ଏମ୍ପାୟାର ଗେମ୍ସ, ଗ୍ରାଣ୍ଡ ପ୍ରିକସ୍, ମାରାଥନ୍ ରେସ୍, ଆଗା ଖାଁ କପ୍, ରଣଜିତ୍ ଟ୍ରଫି, ମହାରାଜା ସନ୍ତୋଷ ସ୍ମୃତି କପ୍, ରୋଭର୍ସ କପ୍, ସେଫିଲ୍‌ଡ ସିଲ୍‌ଡ, ୱାଇଟ୍‌ମ୍ୟାନ୍ କପ୍, ଏଫ.ଏ. କପ୍, ବିଟନ୍ କପ୍, କ୍ୟାଲ୍‌କାଟା କପ୍, କର୍ବିଲିଆନ୍ କପ୍, ଦିଲ୍ଲୀ କ୍ଲଥ୍ ମିଲିସ୍ କପ୍, ଡୁରାଣ୍ଡ କପ୍, ନ୍ୟାସନାଲ ଆଇ.ଏଫ୍.ଏ. ସିଲ୍‌ଡ, ବିଜୟଲକ୍ଷ୍ମୀ କ୍ଲବ୍ ୱାକର କପ୍, ଟେଷ୍ଟମ୍ୟାନ୍ ଓ ରଙ୍ଗସ୍ୱାମୀ କପ୍ ଆଦି ବହୁ ଆଂଚଳିକ କ୍ରୀଡା ସଂଗଠନ ଭାରତ ଓ ପୃଥିବୀରେ ରହିଅଛି।

କ୍ରୀଡାବିତ୍, କ୍ରୀଡାପ୍ରେମୀ ବ୍ୟକ୍ତି ଏବଂ ସରକାର କ୍ରୀଡାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ପ୍ରୟାସ କରିବା ବିଧେୟ। ଖେଳାଳିମାନେ କୌଣସି ଖେଳରେ ପରାଜିତ ହେଲେ ହତୋତ୍ସାହ ନହୋଇ ଅଧିକ ନିଷ୍ଠାର ସହିତ ଖେଳିଲେ ନିଜର ସୁନାମ ସହିତ ଦେଶ ପାଇଁ ଗୌରବ ଅର୍ଜନ କରିପାରିବେ। କ୍ରୀଡା ପ୍ରତିଯୋଗିତାରେ କେବଳ ଯେ ଦେଶର ହିତ ହୋଇଥାଏ ତା' ନୁହେଁ; ବରଂ ବିଶ୍ୱରୁ ଯୁଦ୍ଧ ବିଭୀଷିକାକୁ ଏଡାଇ ଦିଆଯାଇପାରେ। ସେଥିପାଇଁ ଆମେ ଅଗଷ୍ଟ ମାସର ଅଣତିରିଶ ତାରିଖକୁ କ୍ରୀଡା ଦିବସ ରୂପେ ପାଳନ କରିଥାଉ। ଏହି କ୍ରୀଡା ଦିବସ ଆମକୁ ଚରିତ୍ର, ନୈତିକତା, ଶୃଙ୍ଖଳା ଜ୍ଞାନ, ଭ୍ରାତୃଭାବ ତଥା ସ୍ନେହ ସଦ୍‌ଭାବର ଶିକ୍ଷା ଦେଇଥାଏ।

# —ମାଗଣା ବିଦ୍ୟୁତ—

ଦେଶରେ ଭୋଟଦାତାମାନଙ୍କୁ ପ୍ରଲୋଭିତ କରି କ୍ଷମତା ଦଖଲ କରିବା ପାଇଁ ନିର୍ବାଚନ ସମୟରେ ରାଜନୈତିକ ଦଳମାନଙ୍କର ମାଗଣା ସାମଗ୍ରୀ ବଂଟନ ପ୍ରତିଶ୍ରୁତି ଯୋଜନାକୁ ନେଇ ବିତର୍କ ଲାଗି ରହିଥିବାବେଳେ ଏବେ ବିଦ୍ୟୁତ ଶୁଳ୍କ ଛାଡ ଘୋଷଣା ବିଦ୍ୟୁତ କମ୍ପାନୀଗୁଡିକ ପାଇଁ ଭବିଷ୍ୟତରେ ଗୁରୁତର ଆର୍ଥିକ ସଂକଟର କାରଣ ହେବ ବୋଲି ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ। କହିବା ବାହୁଲ୍ୟ ଯେ, ବିଦ୍ୟୁତ ପରିବହନଜନିତ କ୍ଷତି ବଢିଚାଲିଥିବା ବେଳେ ହଜାର ହଜାର କୋଟି ଟଙ୍କା କ୍ଷତିଯୋଗୁଁ କମ୍ପାନୀଗୁଡିକ ଗୁରୁତର ସଂକଟର ସମ୍ମୁଖୀନ। ଦେଶରେ ବିଦ୍ୟୁତ ଉତ୍ପାଦନ, ପରିବହନ ଏବଂ ବିତରଣକୁ ସୁବ୍ୟବସ୍ଥିତ କରିବା ପାଇଁ ୯୦ ଦଶକରୁ ବିଦ୍ୟୁତ ସଂସ୍କାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାସତ୍ତ୍ୱେ ସେଥିରୁ କୌଣସି ସୁଫଳ ମିଳୁ ନ ଥିବା କୁହାଯାଏ। ଗତ ସପ୍ତାହରେ ଜାତୀୟ ଗ୍ରୀଡ୍ ଅପରେଟର ପାୱାର ସିଷ୍ଟମ ଅପରେସନ କର୍ପୋରେସନ (ପୋସ୍କୋ) ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୨୭ଟି ବିଦ୍ୟୁତ ବଂଟନକାରୀ କମ୍ପାନୀ ଉପରେ ପାୱାର ଜେନେରେଟିଂ କମ୍ପାନୀଗୁଡିକ ଉପରେ ବ୍ୟାପକ ବକେୟା ଥିବାରୁ ବିଦ୍ୟୁତ କ୍ରୟ ଓ ବିକ୍ରୟ ସୀମିତ କରିବାକୁ ୩ଟି ପାୱାର ଏକ୍ସଚେଂଞ୍ଜକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ଇଲେକ୍ଟ୍ରିସିଟି (ଲେଟ ପେମେଂଟ ସରଚାର୍ଜ ଆଣ୍ଡ ରିଲେଟେଡ୍ ମ୍ୟାଟରର୍ସ) ରୁଲ-୨୦୨୨ ଅନୁଯାୟୀ ନିଆଯାଇଛି। ଇତିମଧ୍ୟରେ ବହୁ ରାଜ୍ୟ ସେମାନଙ୍କର ବକେୟା ପରିଶୋଧ କରିଥିବା କୁହାଯାଇଛି। ତେବେ ଏଥିରୁ ବିଦ୍ୟୁତ ବଂଟନକାରୀ କମ୍ପାନୀ (ଡିସ୍‌କମସ) ଗୁଡିକରେ ଆର୍ଥିକ ଦୁରବସ୍ଥା କେତେ ଯେ ଗମ୍ଭୀର, ତାହା ସ୍ମରଣ କରାଇଦେଇଛି। ଏହା ନିଶ୍ଚିତ ଯେ, ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବଂଟନ ମଧ୍ୟରେ ବଂଟନ କମ୍ପାନୀଗୁଡିକର ଆର୍ଥିକ ସ୍ଥିତି ସବୁଠୁ ଦୁର୍ବଳ। ବିଦ୍ୟୁତ ବଂଟନ କ୍ଷେତ୍ରରେ କ୍ଷତି ବଢିଚାଲିଥିବାବେଳେ ପାୱାର ଜେନେରେଟିଂ କମ୍ପାନୀ(ଜେନ୍‌କସ୍)ଗୁଡିକର ବକେୟା ବିଦ୍ୟୁତ ବଂଟନକାରୀ କମ୍ପାନୀ(ଡିସକସ୍)ମାନଙ୍କ ଉପରେ ବଢିଚାଲିଛି। ଯାହାର ପରିଣତିସ୍ୱରୁପ କୋଇଲା ଖଣିଗୁଡିକୁ ଦେୟ ପ୍ରଦାନରେ ବିଳମ୍ବ ଘଟୁଥିବା କୁହାଯାଏ। ଯାହାର ପ୍ରଭାବ ସିଧାସଳଖ ଭାବେ ସମଗ୍ର ପାୱାର ସେକ୍ଟରର ସ୍ଥିରତା ଉପରେ ପଡୁଛି ବୋଲି କୁହାଯାଇପାରେ। ରାଜ୍ୟ ଡିସକମସ ତଥା ବିଦ୍ୟୁତ ବଂଟନକାରୀ କମ୍ପାନୀଗୁଡିକର ଆର୍ଥିକ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଇଥିବା ଆଶାଠାରୁ କମ୍ ସୁଫଳ ମିଳିଛି। ପ୍ରତ୍ୟେକ ଥର ଆର୍ଥିକ ସହାୟତା ବଢିଚାଲିଛି। ୨୦୦୦ ମସିହା ପ୍ରାରମ୍ଭରେ ରାଜ୍ୟ ବିଦ୍ୟୁତ ବୋର୍ଡଗୁଡିକୁ ୪୧,୫୦୦କୋଟି ଟଙ୍କାର ଆର୍ଥିକ ପ୍ୟାକେଜ ଦିଆଯାଇଥିବାବେଳେ ୨୦୧୨ରେ ଏହା ୧୨ଲକ୍ଷ କୋଟି ଥିଲା। ସେହିପରି ୨୦୧୫ରେ ଉଦୟ ଯୋଜନାରେ ପ୍ୟାକେଜ ପରିମାଣ ୨କୋଟି ଥିଲା। ସେହିପରି ୨୦୨୦ରେ ପାୱାର ଫାଇନାନ୍ସ କର୍ପୋରେଟସନ ଏବଂ ଗ୍ରାମାଚଂଳ ବିଦ୍ୟୁତକରଣ କର୍ପୋରେସନ ୧.୩୫ ଲକ୍ଷ କୋଟି ଟଙ୍କା ଋଣ ମଂଜୁର କରିଥିଲେ। ସେହିପରି ୨୦୨୨ରେ ଆଉ ଏକ ପ୍ୟାକେଜ ଘୋଷଣା କରାଯାଇଛି। ନିକଟରେ ଡିସକମ୍‌ସଗୁଡିକର ବିଦ୍ୟୁତ କ୍ରୟ ଦେୟ ପରିଶୋଧ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ୪.୩୨ ଲକ୍ଷ କୋଟି ଟଙ୍କାର ଏକ ପ୍ୟାକେଜ ଅନୁଦାନ କରିଛି। ଯାହାକି ଦେଶର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଗ୍ରାମାଚଂଳ ବିକାଶ କ୍ଷେତ୍ରରେ ବ୍ୟୟଠାରୁ ଅଧିକ। ଏଥିରୁ ଦେଶରେ ଡିସକମ୍‌ସଗୁଡିକର ଆର୍ଥିକ ଅବସ୍ଥା କେତେ ଗୁରୁତର ତାହା ସ୍ପଷ୍ଟ ଅନୁମେୟ। ଏହା ନିଶ୍ଚିତ ଯେ, ଡିସକମ୍‌ସଗୁଡିକର କ୍ଷତିର ମୂଳ କାରଣ ହେଉଛି ବିଦ୍ୟୁତ ଚୋରୀ। ଯାହାକୁ ଏପର୍ଯ୍ୟନ୍ତ କମ୍ପାନୀ ରୋକିପାରିନାହିଁ। ତେବେ ଡିସକମ୍‌ସଗୁଡିକର ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ସମୟ ଭିତିରେ ନିୟମିତ ଶୁଳ୍କ ବୃଦ୍ଧିର ଆବଶ୍ୟକତା ରହିଛି। ଯାହାକୁ ରାଜନୈତିକ ଦଳମାନେ ବିରୋଧ କରି ଆସୁଛନ୍ତି। ଅନ୍ୟପକ୍ଷରେ ରାଜନୈତିକ ଫାଇଦା ପାଇଁ ରାଜନୈତିକ ଦଳଗୁଡିକ ବିଦ୍ୟୁତ ଶୁଳ୍କ ଛାଡ କରିବାରେ ଲାଗିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ଦିଲ୍ଲୀରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ କରିଛି। ସେହିପରି ଆଗକୁ ହେଉଥିବା ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ଆମ ଆଦ୍‌ମୀ ପାର୍ଟି ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ଛାଡ ପ୍ରତିଶ୍ରୁତି ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ମାଗଣା ସଂସ୍କୃତିକୁ ରେଭଡି ବୋଲି କହିଥିବା ବେଳେ ଆମ ଆଦମୀ ପାର୍ଟି ଏହାକୁ ସମାଲୋଚନା କରିଛି। ଏହା ନିଶ୍ଚିତ ଯେ, ମାଗଣା ବିଦ୍ୟୁତ ସଂସ୍କୃତିରେ ଦେଶରେ ବିଦ୍ୟୁତ କ୍ଷେତ୍ର ବିପର୍ଯ୍ୟସ୍ତ ହେବା ଆଶଙ୍କାକୁ ଏଡାଇଦେଇ ହେଉନାହିଁ।

# ଗାଡ଼ି ପାର୍କିଂର ମହାଘୋଟାଲା ପ୍ରତିବାଦରେ ବିଏମ୍‌ସି ଅଫିସ୍ ସମ୍ମୁଖରେ କିନ୍ନରମାନଙ୍କ ଧାରଣା




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ମହାନଗର ନିଗମ ତରଫରୁ ଦିଆଯାଇଥିବା ଗାଡ଼ି ପାର୍କିଂ ମହାଘୋଟାଲାର କ୍ରାଇମବ୍ରାଞ୍ଚ ଓ ଇଡ଼ି ତଦନ୍ତ ଦାବିରେ ଅଲ ଓଡ଼ିଶା କିନ୍ନର ଓ ତୃତୀୟ ଲିଙ୍ଗ ମହାସଂଘ ତରଫରୁ ହଜାର ହଜାର କିନ୍ନର ବିଏମ୍‌ସି ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। ରାଜଧାନୀ ଭୁବନେଶ୍ୱରରେ କିନ୍ନରମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ରାଜଧାନୀର ବିଭିନ୍ନ ସ୍ଥାନରେ ଟିଜି ସ୍ୱୀକୃତି ଓ ପରିଚୟ ନାମକ ଏସ୍‌ଏଚ୍‌ଜିକୁ ଭୁବନେଶ୍ୱରର ଏଜି ଛକରୁ ରାଜମହଲ ଛକ (ୟୁନିଟ୍-୨) ଓ ରାଜମହଲ ଛକରୁ ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ଛକରୁ ମାଷ୍ଟର କ୍ୟାଣ୍ଟିନ ଓ ମାଷ୍ଟର କ୍ୟାଣ୍ଟିନରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ଗାଡ଼ି ପାର୍କିଂ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଯେଉଁ ତିନୋଟି କିନ୍ନର ଏସ୍‌ଏଚ୍‌ଜିମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା, ସେମାନେ ଗାଡ଼ି ପାର୍କିଂ ଷ୍ଟାଣ୍ଡରୁ ଅର୍ଥ ଆଦାୟ ପାଇଁ କିନ୍ନରମାନଙ୍କୁ ନିୟୋଜିତ ନକରି କିଛି ଅସାଧୁ ଯୁବକ ଏବଂ ଯୁବତୀଙ୍କୁ ନିୟୋଜିତ କରି ବିଏମ୍‌ସି ଚିହ୍ନଟ କରିଥିବା ଷ୍ଟାଣ୍ଡରେ ଦୁଇଚକିଆ ଓ ଚାରିଚକିଆ ଯାନ ରଖୁଥିବା ବ୍ୟକ୍ତିମାନଙ୍କଠାରୁ ଟିକେଟ ନଦେଇ ଅସାଧୁ ଉପାୟରେ ଅର୍ଥ ଆଦାୟ କରିବା ଓ କିଛି ଲୋକଙ୍କୁ ଟିକେଟ ଦେଇ ଟିକେଟର ମୂଲ୍ୟଠାରୁ ଅଧିକ ଅର୍ଥ ଆଦାୟ କରିଥାନ୍ତି। ଯାହାକି ସାଧାରଣ ଲୋକଙ୍କ ମନରେ କିନ୍ନର ସମାଜ ପ୍ରତି ଘୃଣା ମନୋଭବ ଜାଗ୍ରତ ହୋଇଥାଏ। କିନ୍ତୁ ବଡ଼ ଦୁଃଖର ବିଷୟ, ବିଏମ୍‌ସିର ଅଧିକାରୀ ଓ କିନ୍ନର ଟିଜି ସ୍ୱୀକୃତି ଓ ପରିଚୟ ଯେଉଁ କିନ୍ନର ଏସ୍‌ଏଚ୍‌ଜିମାନଙ୍କୁ କେଉଁ ଆଧାରରେ ସାଇକେଲ ଷ୍ଟାଣ୍ଡର ଦାୟିତ୍ୱ ଦିଆଯାଇଥିଲା ତାହା ତଦନ୍ତସାପେକ୍ଷ? ଅନ୍ୟ କିନ୍ନର ଏସ୍‌ଏଚ୍‌ଜିମାନଙ୍କୁ ନ ଡ଼ାକି କାହିଁକି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର କିନ୍ନରମାନଙ୍କୁ ଦାୟିତ୍ୱ ଦେଇଥିଲେ ତାହା ବୁଝାପଡୁନାହିଁ। ଯାହାର ଫାଇଦା ନେଇ ଏହି ଏସ୍‌ଏଚ୍‌ଜିମାନେ ବେଆଇନ ଭାବେ ଲୋକଙ୍କ ଠାରୁ ଅର୍ଥ ଆଦାୟ କରୁଥିବା ଏବେ ନଜରକୁ ଆସିଛି। ଖାଲି ସେତିକି ନୁହେଁ, ବିନା କାରଣରେ ସାମ୍ବାଦିକ ତଥା ଲେଖକ ଦେବେନ୍ଦ୍ର ପରିଜାଙ୍କୁ ମିଛ ରେପ୍ କେସ୍‌ରେ ଫସାଇବାକୁ ଧମକାଇବା, ଷ୍ଟାଣ୍ଡରେ ବିନା କାରଣରେ ସାଧାରଣ ଲୋକଙ୍କୁ ମାଡ଼ ମାରିବା, ଦୁଇ ତିନିଜଣ ସାମ୍ବାଦିକଙ୍କୁ ଧମକ ଦେବା ଭଳି ଅନେକ ଅନୈତିକ କାର୍ଯ୍ୟରେ ଏହି କିନ୍ନରମାନେ ଲିପ୍ତ ଅଛନ୍ତି। ଯେଉଁ ବାହାର ପିଲାମାନଙ୍କ ମାଧ୍ୟମରେ ସାଇକେଲ ଷ୍ଟାଣ୍ଡରେ ପଇସା ଆଦାୟ କରୁଥିଲେ, ସେମାନଙ୍କ ଦରମା ୧୨ ହଜାର ଥିବାବେଳେ ସେମାନଙ୍କୁ ୭ ହଜାର ଟଙ୍କା ଦେଇ ବାକି ପଇସାକୁ ନିଜେ ଆତ୍ମସାତ କରୁଥିଲେ। ଏତଦ୍‌ବ୍ୟତୀତ ସାଇକେଲ ଷ୍ଟାଣ୍ଡରୁ ମଧ୍ୟ ମାସିକ ପାଖାପାଖି ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରୁଥିଲେ। ଆମ୍ଭର ଦାବିଗୁଡ଼ିକ ମଧ୍ୟରେ ମେଘନା ସାହୁ, ନିଲମ କିନ୍ନର ଓ ଟିଜି ସ୍ୱୀକୃତି ଏସ୍‌ଏଚ୍‌ଜି ବିଏମ୍‌ସି, ପରିଚୟ ଏସ୍‌ଏଚ୍‌ଜିଠାରୁ ଦୁଇଚକିଆ ଯାନ ପାର୍କିଂ ପାଇଁ ନେଇଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କ୍ରାଇମବ୍ରାଞ୍ଚ / ଇଡ଼ି ତଦନ୍ତ କରାଯାଉ, ବିଏମ୍‌ସିର ଦୁଇଚକିଆ ଯାନ ପାର୍କିଂରେ ଚାକିରୀ କରିଥିବା ବ୍ୟକ୍ତି ଓ ମହିଳାମାନଙ୍କୁ ଦରମା ନଦେଇ ସେମାନଙ୍କ ଅର୍ଥକୁ ହଡ଼ପ କରିଥିବା ଟିଜି ଏସ୍‌ଏଚ୍‌ଜି ସଦସ୍ୟମାନଙ୍କୁ ଗିରଫ କରାଯାଉ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ପରିଜାଙ୍କୁ ମିଛ ରେପ୍ କେସ୍‌ରେ ଫସାଇ ଧମକ ଦେଉଥିବା ମେଘନା କିନ୍ନରଙ୍କୁ ଗିରଫ କରାଯାଉ, ଗାଡ଼ି ପାର୍କିଂ ନାମରେ ସାରା ଓଡ଼ିଶାରେ କିନ୍ନରମାନଙ୍କୁ ବଦନାମ କରିଥିବା କିନ୍ନର ଏସ୍‌ଏଚ୍‌ଜିମାନଙ୍କ ବିରୋଧରେ କ୍ରାଇମ ବ୍ରାଞ୍ଚ ତଦନ୍ତ କରାଯାଉ। ଗତକାଲିର ଏହି କାର୍ଯ୍ୟକ୍ରମରେ ମହାସଂଘର ସଭାପତି ସୁଇଟି ସାହୁ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ମେନକା ପରିଡ଼ା ପରିଚାଳନା କରିଥିଲେ। ଏଥିରେ ସୋନମ କିନ୍ନର, ପୂଜା କିନ୍ନର, ମିଠି କିନ୍ନର, ଶ୍ରାବଣୀ କିନ୍ନର, ରୀନା କିନ୍ନର, ପାୟଲ କିନ୍ନର, ସୋନାଲି କିନ୍ନର, ଖୁସି କିନ୍ନର, ପଦ୍ମିନୀ କିନ୍ନର ପ୍ରମୁଖ ଧାରଣା ଦେଇଥିଲେ। ପରିଶେଷରେ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାନନୀୟା ମହାନଗରପାଳ ସୁଲୋଚନା ଦାସ ଓ ବିଏମ୍‌ସି କମିଶନରଙ୍କ ଜରିଆରେ ପାଞ୍ଚ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯଦି ରାଜ୍ୟ ସରକାର ୭ ଦିନ ମଧ୍ୟରେ ଏହି ଦାବି ନ ଶୁଣନ୍ତି, ତେବେ କିନ୍ନରମାନେ ବାଧ୍ୟ ହୋଇ ନବୀନ ନିବାସ ଘେରାଉ କରିବେ ବୋଲି ସଭାପତି ସୁଇଟି ସାହୁ ଚେତାବନୀ ଦେଇଛନ୍ତି।

# ଭାରତ ସ୍କାଉଟ୍‌ସ୍ ଓ ଗାଇଡସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ ଗତ ୨୯ ତାରିଖ ଦିନ ପୂର୍ବାହ୍ନ ୧୧.୩୦ ମିନିଟ୍ ସମୟରେ ରାଜ୍ୟ ମୁଖ୍ୟାଳୟ ସଭାଗୃହରେ ଆୟୋଜିତ ହୋଇଥିଲା । ଏଥିରେ ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ସଭାପତି ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମାନ୍ୟବର ମନ୍ତ୍ରୀ ଜଳସମ୍ପଦ ଓ ବାଣିଜ୍ୟ ପରିବହନ ତଥା ଉପସଭାପତି ଶ୍ରୀମତୀ ଟୁକୁନୀ ସାହୁ, ମାନ୍ୟବର ବିଧାୟକ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ ସୁଶାନ୍ତ କୁମାର ରାଉତ, ଅଧ୍ୟକ୍ଷା ମହିଳା କମିଶନର ଡଃ. (ଶ୍ରୀମତୀ) ମିନତୀ ବେହେରା, ଉପାଧ୍ୟକ୍ଷ, ଅନ୍ତର୍ଜାତୀୟ ସମବାୟ ମତ୍ସ୍ୟ ସଂଗଠନ ଶ୍ରୀଯୁକ୍ତ ଟି. ପ୍ରସାଦ ରାଓ ଦୋରା, 'ସମାଜ'ର ମୁଦ୍ରାକାର ଓ ପ୍ରକାଶକ ଶ୍ରୀଯୁକ୍ତ ନିରଞ୍ଜନ ରଥ, ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳିପ୍ରସାଦ ମିଶ୍ର, ରାଜ୍ୟ କମିଶନର (ଆଡଲ୍ଟ ରିସୋର୍ସ) ଅଶୋକ କୁମାର ରଥ ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ, ଶାରୀରିକ ଶିକ୍ଷା ନିରୀକ୍ଷକଙ୍କ ସମେତ ରାଜ୍ୟ ତଥା ଜିଲ୍ଲାସ୍ତରୀୟ ରାଜ୍ୟପରିଷଦର ବହୁ ସଭ୍ୟସଭ୍ୟା ଯୋଗଦେଇଥିଲେ। ପ୍ରାରମ୍ଭରେ ରାଜ୍ୟ ଯୁଗ୍ମ ସମ୍ପାଦକ ଶ୍ରୀ ମିହିରରଞ୍ଜନ ପଟ୍ଟନାୟକଙ୍କ ଆଗତ ଦିବଂଗତ ସ୍କାଉଟ ଓ ଗାଇଡ୍ ବ୍ୟକ୍ତିତ୍ୱମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜ୍ୟ ମୁଖ୍ୟ କମିଶନର ଡଃ ମିଶ୍ର ତାଙ୍କ ସ୍ୱାଗତ ଭାଷଣ ବିଗତ ଦିନମାନଙ୍କରେ ରାଜ୍ୟ ସଂସ୍ଥା ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଷ୍ଠା ଲାଭ କରିଥିବାର ଅବତାରଣା କରି ସଦସ୍ୟମାନଙ୍କର ସକ୍ରିୟ ସହଯୋଗର ଉଚ୍ଚପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହାକୁ ଆହୁରି ଦୃଢ଼ୀଭୂତ କରିବା ପାଇଁ ଆଶାବ୍ୟକ୍ତ କରିଥିଲେ। ପରେ ପରେ କାର୍ଯ୍ୟସୂଚୀ ଅନୁଯାୟୀ ଗତବର୍ଷର ଆୟବ୍ୟୟର ଅଟକଳ ପରିଷଦ ଦ୍ୱାରା ଅନୁମୋଦନ ଲାଭ କରିଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ କମିଟି ତଥା କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ଆଗତ ପ୍ରସ୍ତାବଗୁଡିକ ବିଷୟରେ ସବିଶେଷ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଅନୁମୋଦିତ ହୋଇଥିଲା। ପରିଶେଷରେ ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପର୍ଯ୍ୟାୟରେ +୨ରେ ୧୯୨୧ ଜଣ ନାମ ଲେଖାଇଲେ

ଧର୍ମଶାଳା (ପିଏନ୍): ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଲେଜଗୁଡିକରେ ପ୍ରଥମ ପର୍ଯ୍ୟାୟର ଶେଷ ତାରିଖ ସୁଦ୍ଧା ଧର୍ମଶାଳା ବ୍ଲକର ୮ଗୋଟି କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ୨୪୫୨ ସିଟ ମଧ୍ୟରୁ ୨୧୯୬ ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୧୯୨୧ଜଣ ନାମ ଲେଖାଇଛନ୍ତି । ବ୍ଲକର ୮ ଗୋଟି କଲେଜରେ କଳାରେ ୨୮୧, ବିଜ୍ଞାନରେ ୧୯୮ ଓ ବାଣିଜ୍ୟରେ ୫୨ ସିଟ୍ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ବଳକା ରହିଛି । ଧର୍ମଶାଳା +୨ କଲେଜରେ କଳାରେ ୨୫୬ ସିଟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇବା ପାଇଁ ୨୪୦ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୧୯ଜଣ ନାମ ଲେଖାଇଛନ୍ତି । ସେହିପରି ବିଜ୍ଞାନରେ ୧୯୨ ସିଟ୍ ମଧ୍ୟରୁ ୧୯୦ଜଣଙ୍କୁ ନାମଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ୧୩୭ଜଣ ଓ ବାଣିଜ୍ୟରେ ୬୪ଟି ସିଟ୍ ଥିବା ବେଳେ ୧୮ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ୧୨ ଜଣ ନାମ ଲେଖାଇଛନ୍ତି । ବଜ୍ରଗିରି +୨ କଲେଜରେ କଳାରେ ୩୨୦ ସିଟ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ନାମଲେଖା ପାଇଁ ୩୧୩ ଜଣଙ୍କୁ ସୂଚନା ଦିଆଯାଇଥିବାବେଳେ ୨୮୮ ଜଣ ନାମ ଲେଖାଇଛନ୍ତି । ସେହିପରି ବିଜ୍ଞାନରେ ୯୬ ସିଟ୍ ଥିବା ବେଳେ ୯୩ଜଣଙ୍କୁ ସୂଚନା ଦିଆଯାଇଥିଲା। ତେବେ ଶେଷ ତାରିଖ ସୁଦ୍ଧା ୮୫ଜଣ ନାମ ଲେଖାଇଛନ୍ତି । ଜଗନ୍ନାଥଜୀଉ +୨ କଲେଜରେ କଳାରେ ୨୫୬ ସିଟ୍ ଥିବା ବେଳେ ୨୫୫ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବାବେଳେ ୨୧୮ଜଣ ନାମ ଲେଖାଇଥିଲେ । ଧର୍ମଶାଳା ମହିଳା +୨ କଲେଜରେ ୧୨୮ ସିଟ ଥିବା ବେଳେ ୧୨୮ ଜଣଙ୍କୁ ନାମଲେଖା ପାଇଁ ସୂଚନା ଦିଆଯାଇଥିବା ବେଳେ ୧୧୪ ଜଣ ନାମ ଲେଖାଇଛନ୍ତି । ଜେନାପୁର +୨ କଲେଜ କଳାରେ ୨୫୬ ସିଟ ଥିବା ବେଳେ ୨୫୫ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୨୩୭ ଜଣ ନାମ ଲେଖାଇଛନ୍ତି । ରେନେସାଂ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୨୮ ସିଟ ଥିବାବେଳେ ନାମ ଲେଖାଇବା ପାଇଁ ୧୨୫ଜଣଙ୍କୁ ସୂଚନା ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୨୦ ଜଣ ନାମ ଲେଖାଇଛନ୍ତି । ବିଜ୍ଞାନରେ ୧୬୦ ସିଟ ମଧ୍ୟରୁ ୧୬୦ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪୯ ଜଣ ନାମ ଲେଖାଇଛନ୍ତି । ମୁକୁନ୍ଦପାତ୍ର +୨ କଲେଜରେ କଳାରେ ୨୫୬ ସିଟ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨୫୬ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୨୩ଜଣ ବିଜ୍ଞାନରେ ୧୯୬ ସିଟ ଥିବା ବେଳେ ୧୪୬ଜଣଙ୍କୁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧୩ଜଣ ନାମ ଲେଖାଇଛନ୍ତି । ସେହିପରି ଗୋକର୍ଣ୍ଣିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନରେ ୮୦ ସିଟ୍ ଥିବାବେଳେ ୫୪ ଜଣଙ୍କୁ ନାମ ଲେଖାଇବା ପାଇଁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫୨ଜଣ ନାମ ଲେଖାଇଥିବା ସମ୍ପୃକ୍ତ କଲେଜର ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି ।

## ସେପ୍ଟେମ୍ବର ୨ରୁ ୪ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା

ବ୍ରହ୍ମପୁର (ପିଏନ୍): ସେପ୍ଟେମ୍ବର ୨, ୩ ଓ ୪ ତାରିଖ ତିନିଦିନ ଧରି ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ବିଜୁ ପଟ୍ଟନାୟକ ଭାରୋତ୍ତୋଳନ ଗୃହଠାରେ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲାରୁ ବିଭିନ୍ନ କ୍ୟାଟାଗୋରୀରୁ ୭୭ ଜଣ ମହିଳା ଓ ପୁରୁଷ ଭାରୋତ୍ତୋଳନକାରୀ ଭାଗ ନେବେ ବୋଲି ଗଞ୍ଜାମ ଜିଲ୍ଲା ଭାରୋତ୍ତୋଳନ ସଂଘର ରାଜ୍ୟ ଉପସଭାପତି ତଥା ଗଞ୍ଜାମ ଜିଲ୍ଲା ସଭାପତି କୁମୁଦ ସାହୁ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗରସ୍ଥିତ ମହାମାୟୀ ବ୍ୟାୟାମ କେନ୍ଦ୍ରରୁ ୧୪ ଜଣ, ଶଙ୍କର ଫିଜିକାଲ କ୍ଲବରୁ ୧୩, ବାଲୁଙ୍କେଶ୍ୱର ବ୍ୟାୟାମ କେନ୍ଦ୍ରରୁ ୯, ବୀର ହନୁମାନ କ୍ଲବରୁ ୩୦, ଫ୍ରେଣ୍ଡସ୍ ବ୍ୟାୟାମ କେନ୍ଦ୍ରରୁ ୨, ସ୍ପୋର୍ଟସ୍ ହଷ୍ଟେଲରୁ ୯ ଜଣ, ଏହିପରି ମୋଟ ୭୭ ଜଣ ଭାଗ ନେଉଛନ୍ତି। ରାଜ୍ୟ ଭାରୋତ୍ତୋଳନ ସଂଗଠନର ସାଧାରଣ ସମ୍ପାଦକ ନାରାୟଣ ସାହୁ, ଜିଲ୍ଲା ସଭାପତି ସଚ୍ଚିଦାନନ୍ଦ ଦାଶ, ଜିଲ୍ଲା ସମ୍ପାଦକ ଗାଗାରିନ ନାୟକ, ଜିଲ୍ଲା ଉପଦେଷ୍ଟା ତଥା ସାମ୍ବାଦିକ ରବି ରଥ, କୋଚ୍ ଯଜ୍ଞନାରାୟଣ ନନ୍ଦ, ସୀତା ଜେନା, ରମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଜୁଲାଇ ୭

# ଶ୍ରୀକ୍ଷେତ୍ରରେ ଶ୍ରୀଚୈତନ୍ୟ


ଶ୍ୟାମ ସୁନ୍ଦର ସାମଲ

ଆସୁଛି ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା । ଅଗଣିତ ଭକ୍ତଜନଙ୍କୁ ଦର୍ଶନଦେବା ନିମିତ୍ତ କୋଟି କୈବଲ୍ୟନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଓହ୍ଲାଇ ଆସିବେ ବଡଦାଣ୍ଡକୁ । ବଡଦାଣ୍ଡରେ ନଭଶ୍ଚୁମ୍ବି ତିନିରଥ । ଏପଟେ ପ୍ରାତଃକୃତ୍ୟାଦି ସମାପନ ହେଲାଣି । ଗହଳି କ୍ରମଶଃ ବଢ଼ିବାରେ ଲାଗିଛି । ମହାପ୍ରଭୁଙ୍କର ପାଣ୍ଡୁର ବିଜୟ (ପହଣ୍ଡି ବିଜୟ) ଦେଖିବାକୁ ସାରା ଜଗତ ବ୍ୟାକୁଳିତ । ତାଙ୍କରି ଭିତରେ ଅଛନ୍ତି ରାଜା ପ୍ରତାପରୁଦ୍ରଦେବ । ପାତ୍ର ମନ୍ତ୍ରୀଗଣ ଜଗି ରହିଛନ୍ତି ମହାମହୀମ ରାଜାଙ୍କର ଦର୍ଶନରେ ଯେପରି ବ୍ୟାଘାତ ନଘଟେ । ଶ୍ରୀ ଜଗନ୍ନାଥ ମହାପ୍ରଭୁ ରତ୍ନସିଂହାସନ ତ୍ୟାଗକରି ଆସିଲେ । ଦୟିତାଗଣ ପ୍ରଭୁଙ୍କୁ ରଥାରୋହଣ କରାଇଲେ । ମହା ପ୍ରଭୁ, ମଣିମା ମଣିମା ବୋଲି ଉଚ୍ଚଧ୍ୱନୀ କରିଉଠିଲେ । ମହାରାଜ ପ୍ରତାପରୁଦ୍ର ଶ୍ରୀଜଗନ୍ନାଥଙ୍କ ରଥାଗ୍ରେ ଉପସ୍ଥିତ ରହି ସ୍ୱର୍ଣ୍ଣମାର୍ଜନୀ ଦ୍ୱାରା ପଥ ସମାର୍ଜନ କଲେ । ଚନ୍ଦନ ଜଳରେ ରାସ୍ତା ଧୋଇଦେଲେ । ରାଜ ସ୍ୱୟଂ ଏ କାର୍ଯ୍ୟ କରୁଥିବାର ଦେଖି ମହାପ୍ରଭୁ ଗୌରାଙ୍ଗ ଦେବଙ୍କର ଅନ୍ତର କରୁଣାରେ ଭରିଉଠିଲା । ଶ୍ରୀଗୌରାଙ୍ଗ ଦେବ ରାଜାଙ୍କୁ କୃପାକଲେ । ଇତ୍ୟବସରରେ ତାଙ୍କର ସ୍ୱଗଣଙ୍କୁ ସାତ ସମ୍ପ୍ରଦାୟରେ ବିଭକ୍ତ କରିଦେଲେ । ପ୍ରତି ସମ୍ପ୍ରଦାୟରେ ଜଣେ ମୂଖ୍ୟ ଗାୟକ, ଦୁଇଜଣ କରି ମୃଦଙ୍ଗ ବାୟକ ଓ ଶତ ଶତ ଦୋହାଧାରୀରେ ବିଭକ୍ତ ହେଲେ । ଚାରି ସମ୍ପ୍ରଦାୟ ରଥର ସମ୍ମୁଖରେ ଦୁଇ ସମ୍ପ୍ରଦାୟ ଉଭୟ ପାର୍ଶ୍ୱରେ ଏବଂ ଏକ ସମ୍ପ୍ରଦାୟ ପଶ୍ଚାତ୍‌ରେ ରହି କୀର୍ତ୍ତନ କରିବାକୁ ଲାଗିଲେ । ଏମାନଙ୍କ ମଧ୍ୟ ସ୍ଥଳରେ ରଥ । ସାତ ସମ୍ପ୍ରଦାୟର ଚଉଦ ମାଦଳ ବାଜିଉଠିଲା । ମାଦଳ ଧ୍ୱନୀରେ ବୈଷ୍ଣବଗଣ ପାଗଳ ହୋଇଉଠିଲେ । ସେମାନଙ୍କର ଚକ୍ଷୁଦେଇ ଅବାରିତ ଅଶ୍ରୁଝରିବାକୁ ଲାଗିଲା । ଚଉରି ଦିଗରେ କେବଳ ସଂକୀର୍ତ୍ତନ ଧ୍ୱନି । ମହାପ୍ରଭୁ କେତେବେଳେ ମୁଖରୁ ହରି ହରି ଧ୍ୱନି ବା ଜୟ ଜଗନ୍ନାଥ ବୋଲି ସାତ ସମ୍ପ୍ରଦାୟ ମଧ୍ୟରେ ପରିଭ୍ରମଣ କରିବାକୁ ଲାଗିଲେ । ହଠାତ୍ ଆଶ୍ଚର୍ଯ୍ୟ ପ୍ରକାର ଶକ୍ତିର ପ୍ରକାଶ ହେଲା । ପ୍ରଭୁ ଶ୍ରୀ ଚୈତନ୍ୟ ପ୍ରତ୍ୟେକଙ୍କ ମଧ୍ୟରେ ନର୍ତ୍ତନ କରୁଥାଆନ୍ତି । ଏହା ଏକ ରାସଲୀଳାର ପୁନଃ ପ୍ରକାଶ । ଏହାର ପ୍ରଭାବରେ ସଚଳ ରଥ ଅଚଳ ହୋଇଗଲା । ନିଳାଚଳର ସଦାଚଞ୍ଚଳ ଜଗନ୍ନାଥ ମହାପ୍ରଭୁ ଅଚଳ ହୋଇ ରହିଗଲେ ପ୍ରଭୁଙ୍କର କୀର୍ତ୍ତନ ଦର୍ଶନ କରି ତହିଁରେ ମଜ୍ଜିଗଲେ । ପ୍ରତାପରୁଦ୍ର ଦେବ ବିସ୍ମିତ, ପୁଲକିତ, ଅବଶ ଓ ବିବଶ ହୋଇଗଲେ ।

ଯେ ବ୍ରହ୍ମଣ୍ୟ ଗଣଙ୍କର ପୂଜ୍ୟ, ଗୋ ବ୍ରାହ୍ମଣମାନଙ୍କର ହୀତକାରୀ ଜଗତର କଲ୍ୟାଣ ପ୍ରଦ ଗୋକୁଳର ଇନ୍ଦ୍ର, ସେ ହିଁ ଶ୍ରୀକୃଷ୍ଣ ତୁମକୁ ବାରମ୍ବାର ନମସ୍କାର । ଏହି ଦେବକୀ ନନ୍ଦନଙ୍କର ଜୟଯୁକ୍ତ ହେଉ । ଏହି ବୃଷ୍ଣିବଂଶର ପ୍ରଦୀପ ଶ୍ରୀକୃଷ୍ଣ ଚନ୍ଦ୍ର ଜୟଯୁକ୍ତ ହୁଅନ୍ତୁ ଏହି ନବଜଳଦତ୍ତ ବପୁ ଓ କୋମଳାଙ୍ଗ ଶ୍ରୀକୃଷ୍ଣ ଚନ୍ଦ୍ର ଜୟଯୁକ୍ତ ହୁଅନ୍ତୁ । ଏହି ପୃଥିବୀ ଭାରନାଶକ ମୁକୁନ୍ଦ ଜୟଯୁକ୍ତ ହୁଅନ୍ତୁ । ଯିଏ ସମସ୍ତ ଜୀବ ମଧ୍ୟରେ ଅନ୍ତର୍ଯ୍ୟାମୀ ରୂପରେ ବାସ କରି ଅଛନ୍ତି ଯେ ଦେବକୀଙ୍କ ଠାରୁ ଜନ୍ମଗ୍ରହଣ କରିଅଛନ୍ତି ଏହା କଥାର କଥା ଯାହା ଇଚ୍ଛାମାତ୍ରକେ ସ୍ଥାବର ଜଙ୍ଗମର ଦୁଃଖ ବିନାଶକାରୀ ସେହି କୃଷ୍ଣଙ୍କୁ ସହାସ୍ୟ ବଦନରେ ବ୍ରଜପୁରର ବିନତାଗଣ ଜୟ ଯୁକ୍ତ ହେଉନ୍ତୁ । ମୁଁ ବ୍ରାହ୍ମଣ ନୁହେଁ, କ୍ଷତ୍ରିୟ ନୁହେଁ, ବୈଶ୍ୟ କିମ୍ବା ଶୁଦ୍ର ନୁହେଁ, ବ୍ରହ୍ମଚାରୀ, ଗୃହସ୍ଥ, ବାସପ୍ରସ୍ଥ, ସନ୍ନ୍ୟାସ ନୁହେଁ । ମୁଁ ଶ୍ରୀକୃଷ୍ଣଚନ୍ଦ୍ରଙ୍କର ଶ୍ରୀ ଚରଣ କିଙ୍କରଙ୍କ ଦାସାନୁଦାସର ଅନୁଦାସ । ମହାପ୍ରଭୁଙ୍କର ନୃତ୍ୟ ଦେଖି ସମସ୍ତେ ଚମତ୍କୃତ । ସ୍ୱୟଂ ଜଗନ୍ନାଥ ପୁଲକିତ ରଥ ସ୍ଥିର । ତିଳେମାତ୍ର ଅଗ୍ରସର ହେଉନାହିଁ । ପ୍ରଭୁ ଜଗନ୍ନାଥ ଯେପରି ନିର୍ନିମେଶ ନୟନର ନୃତ୍ୟାବଲୋକନ କରୁଅଛନ୍ତି ସୁଭଦ୍ରା ବଳରାମଙ୍କ ଅନ୍ତରରେ ଉଲ୍ଲାସ । ପ୍ରସନ୍ନ ହସରେ ତାଙ୍କର ମୁଖ ମଣ୍ଡଳ ଯେପରି ଉଦ୍ଭାଷିତ । ଉଦ୍ଦଣ୍ଡ ନୃତ୍ୟ କରି କରି ଅଷ୍ଟ ସାତ୍ତ୍ୱିକ ଭାବର ଉଦୟ ହେଲା । ରୋମାବଳି ପୁଲକିତ କମ୍ପିତ । ଜଗନ୍ନାଥ ଶବ୍ଦ ଆଉ ମୁଖରେ ଉଚ୍ଚାରିତ ହେଉନାହିଁ । କେବଳ ଶୁଭୁଛି 'ଜ ଜ- ଗଗ' ପିଚକାରୀ ଭଳି ନୟନାଶ୍ରୁ ପ୍ରବାହିତ । ପାର୍ଶ୍ୱରେ ଥିବା ବ୍ୟକ୍ତି ସେହି ନୟନାଶ୍ରୁରେ ସିକ୍ତ । କେତେବେଳେ ଦୀର୍ଘ ଶ୍ୱାସ ବା ଶ୍ୱାସରୁଦ୍ଧ । ମୁଖରେ ଫେଣ । ସଖୀରେ ଯେଉଁ ପ୍ରାଣନାଥଙ୍କ ନିମିତ୍ତ ଅମର ପ୍ରାଣ ବ୍ୟାକୁଳ ଥିଲା ଯାହାଙ୍କ ପାଇଁ ଏତେଦିନ ମଦନ ଦହନରେ ଦଗ୍ଧିଭୂତ ହୋଇ ଝୁରି ଝୁରି ମରୁଥିଲା ସେହି ପ୍ରାଣନାଥଙ୍କୁ ଆଜି ପାଇଗଲୁ । ଏହି ଭକ୍ତି ମହାଭାବମୟୀ ଶ୍ରୀରାଧାଙ୍କର । ଶ୍ରୀରାଧିକା ଆଉ ବୃନ୍ଦାବନ ଧାମରେ ବୃନ୍ଦାବନ ଚନ୍ଦ୍ରଙ୍କୁ ପାଇଲେ ନାହିଁ । ପାଇଲେ କରୁକ୍ଷେତ୍ରରେ । କୁରୁକ୍ଷେତ୍ରରେ ସେ ଶ୍ରୀକୃଷ୍ଣଚନ୍ଦ୍ରଙ୍କର ଦର୍ଶନ ପାଇ ସଖୀମାନଙ୍କୁ କହିଥିଲେ ।

ବଳଗଣ୍ଡିରେ ରଥ ରହିଲା । ନିୟମାନୁଯାୟି ସେଠାରେ ଜଗନ୍ନାଥଙ୍କର ଭୋଗ ଲାଗିହେଲା । ଭୋଗ ସମୟରେ ଅତି ଭିଡ଼ । ସେହି ସମୟରେ ପ୍ରଭୁ ଭୂମିରେ ଶୋଇ ପଡ଼ିଲେ । ସେହି ସମୟରେ ସାର୍ବଭୌମଙ୍କର ନିର୍ଦ୍ଦେଶରେ ବୈଷ୍ଣବ ବେଶ ଧାରଣ କରି ରାଜା ପ୍ରତାପରୁଦ୍ର ପ୍ରଭୁଙ୍କର ଶ୍ରୀପଦ ଯୁଗଳ ନିଜ ଅଙ୍କରେ ସ୍ଥାପନ କରି ପାଦ ମର୍ତ୍ତାଳିଲେ । ଧୀର ଲଳୀତ ଛନ୍ଦରେ ପ୍ରତାପରୁଦ୍ର ଦେବ ଗୋପୀଗୀତ ଗାଇବାକୁ ଲାଗିଲେ ।

ତବ କଥା ମୃତ ତପ୍ତଜୀବନଂ
କବିଭିରିଡିତଂ କଳ୍ମଶାପହମ୍ ।
ଶ୍ରବଣ ମଙ୍ଗଳମ୍ ଶ୍ରୀମଦାତତଂ ଭୂବିଗୃଣନ୍ତି
ତେ ଭୂରିଦା ଜନାଃ ।।

ହେ ପ୍ରାଣ ବଲ୍ଲଭ, ତୁମ ବିରହରେ ଆମ୍ଭମାନଙ୍କର ମୃତ୍ୟୁ ଉପସ୍ଥିତ ହୋଇଥିଲା । ତୁମର ଅମୃତ ପାନ କରାଇ ପୁଣ୍ୟବାନ ବ୍ୟକ୍ତିଗଣ ତାହା ନିବାରଣ କରିଅଛନ୍ତି । ତୁମର କଥାମୃତ ସ୍ୱର୍ଗୀୟ ଅମୃତ ଓ ମୋକ୍ଷାମୃତ ଠାରୁ ବିଲକ୍ଷଣ । ଯେ ହେତୁ ତମୁର କଥାମୃତ ସଂସାର ତପ୍ତ ଓ ତ୍ୱଦ୍ ବିରହ ତପ୍ତ ବ୍ୟକ୍ତିଗଣଙ୍କୁ ଜୀବଦାନ କରେ । କରେ ଯନ୍ତ୍ରଣାମୁକ୍ତ । ଅନ୍ୟ ଅମୃତ ତାହା କରିପାରେନା । ତୁମର କଥା ମୃତ (ପାପନାଶକ) ଓ ଶ୍ରବଣ ମାତ୍ରକେ ମଙ୍ଗଳପ୍ରଦ ଓ ସର୍ବାପେକ୍ଷା ଉତ୍କର୍ଷପୂର୍ଣ୍ଣ ଓ ସର୍ବବ୍ୟାପକ । ଅତଏବ୍ ପୃଥିବୀ ମଧ୍ୟରେ ଯେଉଁ ବ୍ୟକ୍ତି ଭୂରିଦ ବା ପ୍ରୀତିଦାନ କାରୀ । ପ୍ରତାପରୁଦ୍ର ଦେବଙ୍କର ମୁଖ ନିଃଶ୍ରୁତ ସେହି ଶ୍ଳୋକ ଶୁଣିବା ମାତ୍ରକେ ମହାପ୍ରଭୁ ପ୍ରେମବଶରେ ଉଠି ତାଙ୍କୁ ଆଲିଙ୍ଗନ କରି କହିଲେ- 'ତୁମେ ମୋରେ ଦିଲ ବହୁ ଅମୂଲ୍ୟରତନ, ମୋର କିଛି ଦେବାର ନାହିଁ କଲୁ ଆଲିଙ୍ଗନ।'

କିଏ ତୁମେ ଭୂରିଦାତା, କିଏ ତୁମେ ପ୍ରାଣ ଦାତା, ସ୍ୱଇଚ୍ଛାରେ ଏଠାକୁ ଆସି ମୋତେ ଅମୂଲ୍ୟ ରତ୍ନ ଦାନ କଲ । ତାହାର ବିନିମୟରେ ମୋର କିଛି ଦେବାର ନାହିଁ । ମୁଁ ନିସ୍ୱ । ଭିକାରୀ । ତୁମେ କେବଳ ମୋର । ଏହି ପ୍ରେମାଲିଙ୍ଗନ ଗ୍ରହଣ କର ବନ୍ଧୁ । ପ୍ରଭୁ ଗୌରାଙ୍ଗ ଦେବ ବାରବାର ସେହି ଶ୍ଳୋକ ପାଠକରି ଭୂରିଦା, ଭୂରିଦା ବୋଲି ରାଜାଙ୍କୁ ଆଲିଙ୍ଗନ କରିବାକୁ ଲାଗିଲେ । ଦେଖିଲେ ନାହିଁ ଯେ ସେକିଏ, କିଦୃଶ୍ୟ ! ମହାପୁରୁଙ୍କର ମହିମା । ପୁରୁଷୋତ୍ତମଙ୍କର କରୁଣା କିଏ ଏହି ରୁଦ୍ରମୂର୍ତ୍ତୀ ଓ କରୁଣାର ଘନ ବିଗ୍ରହ । 'ପ୍ରଭୁକହେ କିଏ ତୁମି କରିଲେ ମୋରା ହିତ । ଆଚମ୍ବିତ ଆସି ପିୟାଓ କୃଷ୍ଣଲୀଳାମୃତ ।। ରାଜା କହେ ଆମି ତୋମାର୍ ଦାସେର୍ ଅନୁଦାସ, ଭୃତ୍ୟେର ଭୃତ୍ୟ କର ମୋରେ ଏହି ମୋର ଆଶ।' ରାଜାଙ୍କର ସେବାରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ତାଙ୍କୁ ଆତ୍ମସାତ କରିନେଲେ । ଆଜି ଅଚଳ ଦାରୁବ୍ରହ୍ମ ଚଳନ୍ତି ବ୍ରହ୍ମଙ୍କର ଓ ଭକ୍ତଗବାନଙ୍କର ମିଳନରେ ରଥଯାତ୍ରା ସମ୍ପୂର୍ଣ୍ଣ ହୋଇଥିଲା ।

*ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ,*
*ଶ୍ରୀସତ୍ୟସାଇ ସେବା ସମିତି, କଟକ,*
*ଦୂରଭାଷ : ୯୭୭୮୬୩୫୯୨୬*

# ଜଗବନ୍ଧୁ ହେ ଗୋସାଇଁ.....


ବିପିନ ବିହାରୀ ରାଉତ

ଓଡ଼ିଆର ପ୍ରାଣକେନ୍ଦ୍ର ପ୍ରଭୁ ଜଗନ୍ନାଥ । ମହାପ୍ରଭୁଙ୍କୁ ବାଦ୍‌ଦେଲେ ଓଡ଼ିଆ ଜାତିର ସ୍ଥିତି, ସଂସ୍କୃତି ସବୁ ଶୂନ୍ୟ ହୋଇଯିବ । ଶ୍ରୀକ୍ଷେତ୍ରଧାମ ଦେଶର ଚାରିଧାମ – ବଦ୍ରିନାଥ, ଦ୍ୱାରକାନାଥ ଏବଂ ରାମନାଥଙ୍କ ମଧ୍ୟରୁ ଅନ୍ୟତମ ତଥା ଗୁରୁତ୍ୱପୂର୍ଣ୍ଣ । ଯେତେ ତୀର୍ଥ ବୁଲି ଆସିଲେ ବି ଶେଷ ଜଗନ୍ନାଥ ଧାମରେ ହୋଇଥାଏ । ଭକ୍ତମାନେ ପ୍ରଭୁ ଜଗନ୍ନାଥଙ୍କ ପାଖକୁ ଆସିଥାନ୍ତି ସେମାନଙ୍କର ସମସ୍ତ ଦୁଃଖ ଯନ୍ତ୍ରଣା ଲାଘବ କରି ମାନସିକ ଶାନ୍ତି ପାଇବା ପାଇଁ । ଶ୍ରୀଜଗନ୍ନାଥ କେବଳ ସଂସ୍କୃତି କି ପରମ୍ପରାର ଧାରକ ନୁହନ୍ତି । ପ୍ରଭୁଙ୍କର ଦୈନନ୍ଦିନ ରୀତିନୀତି ସହିତ ଅନେକ ବୈଜ୍ଞାନିକ ତତ୍ତ୍ୱ ଜଡ଼ିତ । ଶ୍ରୀଜଗନ୍ନାଥ ସଂସ୍କୃତିର ସମସ୍ତ ନୀତିକାନ୍ତ ଏବଂ ବାର୍ଷିକ ପର୍ବୋତ୍ସବ ମଣିଷର ମାନସିକ ସ୍ଥିତିକୁ ବେଶ୍ ପ୍ରଭାବିତ କରିଥାଏ ।

'ଜଗବନ୍ଧୁ ହେ ଗୋସାଇଁ, ଜଗବନ୍ଧୁ ହେ ଗୋସାଇଁ, ....ମୋହ ଯିବା ଯାଏ ନନ୍ଦିଘୋଷ ଥିବ ରହି' – ଆଜି ବି କେବଳ ଓଡ଼ିଆମାନେ ନୁହଁନ୍ତି ସମଗ୍ର ବିଶ୍ୱର ଯେଉଁଠି ବି ଯେ କୌଣସି ହିନ୍ଦୁ ବିଚାରଧାରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧାଳୁ ରହିଥିବେ ସମସ୍ତେ ଉପରୋକ୍ତ ଗୀତଟିକୁ ନିଜ ହୃଦୟ ଭିତରେ ଗୁଣୁଗୁଣଉଥିବେ। ନିଜ ଆରାଧ ଭଗବାନଙ୍କ ପ୍ରତି ଆତ୍ମସମର୍ପଣ ଓ ନିଜର ଅକ୍ଷମତା ପାଇଁ ତାଙ୍କ ଦର୍ଶନ ନପାଇ ନିଜ ଭିତରେ ଆବେଗର କୋହ, ଲୁହ ଓ ଭକ୍ତି ଭାବନାକୁ ନେଇ ତିଆରି ହୋଇଥିବା ଏହି ଭଜନର ପ୍ରତିଟି ଶବ୍ଦ ଅତ୍ୟନ୍ତ ମର୍ମସ୍ପର୍ଶୀ। ଯବନ ଭକ୍ତ ସାଲବେଗ ନିଜ ଜାତି ପାଇଁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଦର୍ଶନ ନପାଇ ସେବାୟତଙ୍କ ଠାରୁ ଯେଉଁପରି ଯନ୍ତ୍ରଣା ପାଇଥିଲେ ସେଇଠୁ ସିଧା ସମୁଦ୍ର କୂଳକୁ ଯାଇ ଏକ ବାଲିରଥ ତିଆରି କରି ଯବନ ଭକ୍ତ ସାଲବେଗ ନିଜ ନିଃସ୍ୱାର୍ଥ ଭକ୍ତି ଭାବନାକୁ ନେଇ ନିଜ ମଣିମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭାବ ପ୍ରବଣ ହୋଇ ଯେଉଁ ଧାଡ଼ିଟି ତାଙ୍କ ହୃଦୟ ଭିତରୁ ବାହାରି ଆସିଥିଲା ତାହା ଥିଲା 'ମୋହ ଯିବା ଯାଏ ନନ୍ଦିଘୋଷ ଥିବ ରହି'। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରା ପବିତ୍ର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ସହୃଦୟ ପାଠକ ମାନଙ୍କୁ ମନେପକାଇ ଦେଉଛୁ ଏକ ଅବିସ୍ମରଣୀୟ ଘଟଣାଟିକୁ। ଓଡ଼ିଆଙ୍କ ପରିଚୟର ସବୁକିଛି ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସହୃଦୟ ପାଠକ ଓ ସିନେପ୍ରେମୀ ମାନଙ୍କ ଭିତରେ ମନ ଥିବ ଶ୍ରୀଜଗନ୍ନାଥଙ୍କ ଭକ୍ତି ଭାବନାକୁ ନେଇ କିଛି ବର୍ଷ ତଳେ ତିଆରି ହୋଇଥିଲା ଏକ ସିନେମା। ଏହି ଆବେଗଭରା ଓଡ଼ିଆ ଚଳଚ୍ଚିତ୍ର ହେଉଛି 'ଭକ୍ତ ସାଲବେଗ'। ଯେଉଁଥିରେ ଏକ ଗୀତ ଥିଲା 'ଜଗବନ୍ଧୁ ହେ ଗୋସାଇଁ'। ଗୀତଟିକୁ ଲେଖିଥିଲେ ଯବନ ଭକ୍ତ ସାଲବେଗ ଆଉ ସିନେମାରେ ତାକୁ ଗାଇଥିଲେ ଭଜନ ସମ୍ରାଟ ଭିକାରୀ ବଳ।

କୋଟି କୋଟି ଓଡ଼ିଆ ସଂଗୀତପ୍ରେମୀଙ୍କୁ ଏଠାରେ ମନେପକାଇ ଦେଉଛୁ କି ଯେ, ଏହି ହୃଦୟସ୍ପର୍ଶୀ ଗୀତର ଲେଖନୀ ସହ ଏହାର କାହାଣୀ ମଧ୍ୟ ଥିଲା ଏକ ଭିନ୍ନ ଭାବନାର। ଏହି ପାରମ୍ପରିକ ଲେଖାର ଗୀତଟିର ସ୍ୱର ପ୍ରତିଟି ଓଡ଼ିଆଙ୍କ ଘରେ ଘରେ କାଳଜୟୀ ଓ ପରିଚିତି ପାଇସାରିଛି। ଓଡ଼ିଶାର ସଙ୍ଗୀତ, ସୃଜନଶୀଳ ସାହିତ୍ୟ ସବୁକିଛିକୁ ମାର୍ଗ ଦେଖାଉଥିବା ଓଡ଼ିଶା ଅଭିଲେଖାଗାରର ସଂଗୃହୀତ ତଥ୍ୟ ଅନୁଯାୟୀ ଏକଦା ଭଜନ ସମ୍ରାଟ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ ଗାନକୁ ତଲ୍ଲୀନ ଭାବଧାରାରେ ପରିବେଷଣ କରୁଥିବା ଭିକାରୀ ବଳଙ୍କ ସଂଗୀତ ଗୁରୁ ବାଳକୃଷ୍ଣ ଦାଶ ଏହି ଗୀତଟିକୁ ଗାଇଥିଲେ। ଯେତେବେଳେ ଚଳଚ୍ଚିତ୍ର 'ଭକ୍ତ ସାଲବେଗ'ର ପ୍ରଯୋଜକ ଗୀତ ଗାଇବା ପାଇଁ ଭିକାରୀ ବଳଙ୍କ ସହ ଚୁକ୍ତି କରିଥିଲେ ସେତେବେଳେ ଜଣାପଡ଼ିଥିଲା ଯେ ଏହାର ସ୍ୱର ପ୍ରଦାନ ପାଇଁ ଅନୁମତି ନିଆ ସାରିଛି ଭୁବନେଶ୍ୱର ମିଶ୍ରଙ୍କ ଠାରୁ। ସେ ସମୟରେ ଭୁବନେଶ୍ୱର ମିଶ୍ର ମୁମ୍ବାଇରେ ଥିବାରୁ ପ୍ରଯୋଜକ ମହାଶୟ ମୁମ୍ବାଇରେ ଗୀତ ଶିଖା ସହ ସେହିଠାରେ ହିଁ ରେକର୍ଡ଼ ହେବାର ବନ୍ଦୋବସ୍ତ କରିଥିଲେ। ଭଜନ ସମ୍ରାଟ ଭିକାରୀ ବଳ ମୁମ୍ବାଇ ଯାଇଥିଲେ। ସେଠାରେ ତାଙ୍କୁ କିନ୍ତୁ ଅତି ଆନନ୍ଦରେ ଭୁବନେଶ୍ୱର ମିଶ୍ର ଏକ ପ୍ରକାର ବନ୍ଧୁ ସଂଙ୍ଖୋଳି କହିଥିଲେ ଯେ ଭିକାରୀ ବଳ ଏଇଠି ମୋ ଘରେ ହିଁ ସେ ରହିବେ ଏବଂ ମୁଁ ତାଙ୍କୁ ଘରେ ରହି ହିଁ ତମାମ ଗୀତ ଓ ଏହାର ପାରମ୍ପରିକ ସ୍ୱର ସବୁକିଛି ଶିକ୍ଷା କଦେବି। ତିନି ଚାରିଦିନ ଭିତରେ 'ଭକ୍ତ ସାଲବେଗ' ଚଳଚ୍ଚିତ୍ରର ସବୁ ଗୀତ ଶିଖା ସହ ଏହାର ରେକର୍ଡ଼ିଂ ପାଇଁ ବ୍ୟବସ୍ଥା ଆରମ୍ଭ ହେଲା। ଏହି ହୃଦୟସ୍ପର୍ଶୀ ଭାବ ଗମ୍ଭୀର ଗୀତଟିକୁ ରଚନା କରିଥିଲେ ସ୍ୱୟଂ ଶ୍ରୀଜଗନ୍ନାଥଙ୍କ ଯବନ ଭକ୍ତ ସାଲବେଗ। ଏହି ଗୀତର ପ୍ରତିଟି ଶବ୍ଦ ଭିତରେ ଯେପରି ପାରମ୍ପରିକତା ରହିବ ଏ ଦିଗକୁ ଭୁବନେଶ୍ୱର ମିଶ୍ର ବହୁତ ବଡ଼ ଗୁରୁତ୍ୱ ଦେଉଥିଲେ। ଯେଉଁଦିନ 'ଜଗବନ୍ଧୁ ହେ ଗୋସାଇଁ' ଗୀତଟି ଶିକ୍ଷା କରିଥିଲେ ଭିକାରୀ ବଳ ସେ ଭୁବନେଶ୍ୱର ମିଶ୍ରଙ୍କୁ କହିଥିଲେ 'ସାର ଏହି ଗୀତର କ୍ଷୀପ୍ରତା ବା ସ୍ପିଡ ଟିକେ ଅଧିକ ହୋଇଯାଉଛି। ସବୁ ଓଡ଼ିଆ ଲୋକ ଏହି ଗୀତଟିକୁ ଗ୍ରହଣ କରିପାରିବେ ତ ?' ପୂର୍ବରୁ ଏହି ଗୀତଟିକୁ ବିଖ୍ୟାତ ସଂଗୀତ ସାଧକ ବାଳକୃଷ୍ଣ ଦାଶ ସ୍ୱର କରି ନିଜେ ଗାଇସାରିଥିଲେ। ତେଣୁ ଏହି ଗୀତଟିକୁ ସମସ୍ତେ ଜାଣି ସାରିଥିଲେ। ସେ ସମୟରେ ଭିକାରୀ ବଳଙ୍କୁ ଏହି ଗୀତ ସମ୍ପର୍କରେ ମତାମତ ଦେବାକୁ ଯାଇ ଭୁବନେଶ୍ୱର ମିଶ୍ର କହିଥିଲେ 'ଆମେ ତ ଭାବକୁ ନଷ୍ଟ କରୁନାହୁଁ, ଏ ଗୀତରେ ଭକ୍ତର ଯେଉଁ ମିନତି ତାହା ସ୍ପିଡ ହେଲେ ଆହୁରି ଭଲ ଲାଗୁଛି। ଦେଖିବ, ଲୋକେ ଭଲ ପାଇବେ।' ତାହା ହିଁ ହେଲା, ଲୋକେ ଭକ୍ତ ସାଲବେଗ ଚଳଚ୍ଚିତ୍ରର ଜଗବନ୍ଧୁ ହେ ଗୋସାଇଁ ଗୀତକୁ ପସନ୍ଦ କରିଥିଲେ।

*ତୁଳସୀପୁର କଟକ*

# ପୁରୀର ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରା ଉପରେ ଏକ ସମ୍ୟକ୍ ଧାରଣା


ପ୍ରଦୀପ୍ତ କୁମାର କର

ଓଡ଼ିଶାର ପୁରୀ ଠାରେ ପାଳିତ ହେଉଥିବା ପ୍ରଭୁ ଜଗନ୍ନାଥଙ୍କ ରଥ ଯାତ୍ରା ହିନ୍ଦୁ ତଥା ବିଶ୍ୱର ପ୍ରାୟ ସବୁ ଜଗନ୍ନାଥ ପ୍ରେମୀ ଙ୍କ ପାଇଁ ଏକ ମହାନ ପର୍ବ। ଏହି ଯାତ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଦିନ ହିଁ ପାଳନ କରାଯାଏ। ଏହାକୁ ମଧ୍ୟ ଘୋଷ ଯାତ୍ରା,ମହାବେଦୀ ମହୋତ୍ସବ,ପତିତପାବନ ଯାତ୍ରା ,ଉତ୍ତରଭିମୁଖି ଯାତ୍ରା ,ନବଦିନାତ୍ମକ ଯାତ୍ରା ,ଗୁଣ୍ଡିଚ଼ା ଯାତ୍ରା ବା ଆଡ଼ପ ଯାତ୍ରା ଆଦି ନାମରେ ନାମିତ କରାଯାଇଛି । ପୁରୀ କୁ ଛାଡ଼ିଦେଲେ ଆମ ଦେଶରେ ମଧ୍ୟ ଅନେକ ଜାଗାରେ ଏହି ଯାତ୍ରା ବହୁ ଆଡମ୍ବର ରେ ପାଳିତ ହୁଏ। ଶ୍ରୀଲ ପ୍ରଭୁପାଦ ସ୍ୱାମୀଙ୍କ ଇସ୍କନ ମାଧ୍ୟମ ରେ ଜଗନ୍ନାଥ ଓ ହିନ୍ଦୁ ଧର୍ମର ପ୍ରଚ଼ାର ଫଳରେ ଏବେ ବିଶ୍ୱରେ ଅନେକ ଜାଗାରେ ସବୁ ଧର୍ମର ଲୋକମାନେ ରଥ ଯାତ୍ରା ପାଳନ କରୁଛନ୍ତି ।ଏପରିକି ପାକିସ୍ତାନ ରେ ମଧ୍ୟ ଥିବା ହିନ୍ଦୁ ମାନେ ମଧ୍ୟ ପ୍ରଭୁ ଜଗନ୍ନାଥଙ୍କ ରଥ ଯାତ୍ରା କରୁଛନ୍ତି । ନିଜ ସୁବିଧା ଅନୁସାରେ କେହି କେହି ତିନି ରଥ କରୁଥିବା ବେଳେ କେହି କେହି ଗୋଟିଏ ରଥରେ ପ୍ରଭୁ ମାନଙ୍କୁ ବସାଇ ରଥ ଯାତ୍ରା କରନ୍ତି । ବିଭିନ୍ନ ମତରେ ରଥ ଯାତ୍ରା ର ଆଠ ଗୋଟି ସୋପାନ ରହିଛି ।ଯାହାକୁ ଅଷ୍ଟାଙ୍ଗ ବିଧି କୁହାଯାଏ ।୧) ସ୍ନାନ ଉତ୍ସବ ,୨)ଅନବସର ୩)ନବ ଯୌବନ ଓ ନେତ୍ରୋତ୍ସବ ,୪)ଶ୍ରୀ ଗୁଣ୍ଡିଚ଼ା ଯାତ୍ରା ,୫) ହେରା ପଞ୍ଚମୀ,୬)ଆଡ଼ପ ପର୍ବ ,୭) ବାହୁଡ଼ା ଯାତ୍ରା,୮) ନୀଳାଦ୍ରି ବିଜେ ।ରଥ ଯାତ୍ରା ବହୁ ପ୍ରାଚ଼ୀନ ବୋଲି ଗବେଷକ ମାନେ ମତବ୍ୟକ୍ତ କରିଛନ୍ତି। ଋକ ବେଦ ଓ ଅଥର୍ବ ବେଦ ରେ ରଥ ଶବ୍ଦ ର ଅନେକ ପ୍ରୟୋଗ ଅଛି । ପରବର୍ତ୍ତୀ ସମୟରେ ଶତପଥ ବ୍ରାହ୍ମଣ ମାନଙ୍କ ଗ୍ରନ୍ଥ ରେ ମଧ୍ୟ ଏହି ରଥ ଯାତ୍ରା ର ଆଭାସ ମିଳେ । ଖ୍ରୀଷ୍ଟ ପୂର୍ବ ଦ୍ୱିତୀୟ ଶତାବ୍ଦୀ ରୁ ଖ୍ରୀଷ୍ଟ ପୂର୍ବ ପ୍ରଥମ ମଧ୍ୟରେ ଖୋଦିତ ହୋଇଥିବା କେତେକ ଭାସ୍କର୍ଯ୍ୟ କୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେତେବେଳେ ସୂର୍ଯ୍ୟ ଙ୍କ ରଥ ଯାତ୍ରା ର ନିଦର୍ଶନ ମିଳେ ।ପରବର୍ତ୍ତୀ ସମୟରେ ଏହି ସୂର୍ଯ୍ୟ ଙ୍କ ରଥର ପରିକଳ୍ପନା ହିଁ ପୁରୁଷୋତ୍ତମ କ୍ଷେତ୍ର ର ପ୍ରଭୁ ଜଗନ୍ନାଥଙ୍କ ରଥ ଯାତ୍ରା। ଇତିହାସ ରେ ଯେତେ ସବୁ ରଥ ଯାତ୍ରା ର ବର୍ଣ୍ଣନା କରାଯାଇଅଛି ତା ମଧ୍ୟରୁ ପୁରୀ ର ରଥ ଯାତ୍ରା ଅଧିକ ଜନାଦୃତ ଓ ପ୍ରସାରିତ । କେତେକ ଗବେଷକ ଙ୍କ ମତରେ ଶ୍ରୀ ଜଗନ୍ନାଥ ଙ୍କ ରଥ ଯାତ୍ରା ବୌଦ୍ଧ ପରମ୍ପରା ରୁ ସୃଷ୍ଟି ବୋଲି ଅନୁମାନ କରାଯାଏ। କାରଣ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀ ରେ ଚ଼ୀନ ପରିବ୍ରାଜକ ଫାହିୟନ୍ ଖୋଟାନ ରେ ଅନୁଷ୍ଠିତ ଯେଉଁ ରଥ ଯାତ୍ରା ର ବର୍ଣ୍ଣନା କରିଥିଲେ ଆଜିସୁଦ୍ଧା ପ୍ରଚ଼ଳିତ ଜଗନ୍ନାଥ ଙ୍କ ସ୍ନାନ ଯାତ୍ରା ଓ ରଥ ଯାତ୍ରା ସହିତ ତାର ମେଳ ରହିଛି । ସିଂହଳ ରେ ଯେପରି ବୁଦ୍ଧ ଦେବ ଙ୍କ ଦାନ୍ତ କୁ ବୈଶାଖ ଶୁକ୍ଳ ତ୍ରୟୋଦଶୀ ଦିନ ବାହାର କରି ହାତୀ ଉପରେ ରଖି ଶୋଭାଯାତ୍ରା ରେ ନେଇ ରାଜ ମାର୍ଗ ରେ ଏକ ସୁନ୍ଦର ମଣ୍ଡପ ରେ ରଖି ଯଥା ବିଧି ପୂଜା କରି ପୁଣି ଛଅ ଦିନ ପରେ ପୂର୍ବ ମନ୍ଦିର କୁ ବହୁଡ଼ାଇ ଅଣାଯାଏ ।ପୁରୀ ରେ ଠିକ୍ ସେହିପରି କାଠ ନିର୍ମିତ ରଥରେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ତିନି ପ୍ରଭୁଙ୍କୁ ବସାଇ ବଡ ଦାଣ୍ଡରେ ରସି ଦ୍ୱାରା ରଥ କୁ ଟାଣି ଟାଣି ଶ୍ରୀ ଗୁଣ୍ଡିଚ଼ା ମନ୍ଦିର କୁ ନିଆଯାଏ ଓ ସେଠାରେ ସାତ ଦିନ ପରେ ପୁଣି ନିଜସ୍ୱ ମନ୍ଦିର କୁ ବାହୁଡ଼ାଇ ଅଣାଯାଏ । ଯିବା ଦିନ ଓ ଫେରିବା ଦିନ ଦୁଇ ଦିନ ଏବଂ ସାତଦିନ ରହଣୀ ଏହା ସର୍ବ ମୋଟ ନଅ ଦିନ । ଷୋଡ଼ଶ ଶତାବ୍ଦୀର ରଚ଼ିତ ମାଦଳା ପାଞ୍ଜି ରେ ପୁରୀ ର ରଥ ଯାତ୍ରା ର ଅନେକ ବର୍ଣ୍ଣନା ଅଛି । ପ୍ରଥମେ ପୁରୀ ସହର ମଧ୍ୟରେ ଏକ ନଦୀ ଯାହାର ନାମ ମଙ୍ଗଳା ନଦୀ ଥିଲା ତାହାକୁ ପରବର୍ତ୍ତୀ ସମୟରେ ପୋତାଯାଇ ଥିଲା । କାରଣ ରଥ ସମୟରେ ପ୍ରଥମ ତିନି ରଥ ନଦୀ ଏପଟେ ରହୁଥିଲା ଓ ନଦୀ ପାର ପରେ ଶ୍ରୀ ଜିଉ ମାନଙ୍କୁ ନଦୀ ସେପଟେ ଆଉ ତିନୋଟି ରଥରେ ଗୁଣ୍ଡିଚ଼ା ମନ୍ଦିରକୁ ନିଆଯାଉଥିଲା । ଅଷ୍ଟମ ଖ୍ରୀଷ୍ଟାବ୍ଦ ରେ ସୋମବଂଶୀ ରାଜା ଯଯାତି କେଶରୀଙ୍କ ରାଜତ୍ୱ କାଳରେ ଶ୍ରୀକ୍ଷେତ୍ର ରେ ରଥ ଯାତ୍ରା ଆରମ୍ଭ ହୋଇ ଥିଲା ।୧୮୫୯ ରେ ରଚ଼ିତ ରଥ ଚ଼କଡ଼ା ପୋଥି ରୁ ଏହି ସମସ୍ତ ତଥ୍ୟ ଉଦ୍ଧାର କରାଯାଇଛି । କିମ୍ବଦନ୍ତୀ ଅନୁସାରେ ଜାରା ଶବର ର ଶର ଆଘାତ ରେ ଦ୍ୱାରିକାଢ଼ିପତି ଶ୍ରୀକୃଷ୍ଣ ଙ୍କ ଦେହାନ୍ତ ପରେ ତାଙ୍କର ଶେଷ ଆତ୍ମୀୟ ଭାବରେ ପାଣ୍ଡବ ଗଣ ତାଙ୍କ ଶରୀର କୁ ଦାହ କରିବା ସମୟରେ ତାଙ୍କର ନାଭି ନ ଜଳିବାରୁ ଶୂନ୍ୟ ବାଣୀ ହେଲା ଯେ ଏହାକୁ ମହୋଦଧି ରେ ବିଶର୍ଜନ କରିଦେବା ପାଇଁ । କାଳ କ୍ରମେ ସେହି ନାଭି ଦାରୁ ବ୍ରହ୍ମ ଭାବରେ ବାଙ୍କୀ ମୁହାଣରେ ଲାଗିଲା ଓ ସେ ସମୟରେ ପୁରୀ ରେ ରାଜୁତି କରୁଥିବା ମହାରାଜ ଇନ୍ଦ୍ରଦ୍ୟୁମ୍ନ ଙ୍କୁ ନେଇ ମୂର୍ତ୍ତି ନିର୍ମାଣ କରିବା ପାଇଁ ଓ ସେହି ପ୍ରଭୁଙ୍କ ନିର୍ଦ୍ଦେଶ ରେ ଯାହାକୁ ଆମେ ବିଧିର ବିଧାନ କହୁଛନ୍ତି ସେ ଅଧାଗଢ଼ା ହୋଇ ରହିଗଲେ । ଏହି ଅଧା ଗଢା ମୂର୍ତ୍ତି ପଛରେ ଏକ ରୋଚ଼କ ଖବର ଅଛି ଯେ ଏହି କଳି ଯୁଗରେ ପ୍ରଭୁ ଙ୍କୁ ଡାକିଲେ ସେ କାହା ପାଖକୁ ଯାଇ ପାରିବେ ନାହିଁ ଯେହେତୁ ଗୋଡ ନାହିଁ ,କାହା କଥା ଶୁଣି ପାରିବେ ନାହିଁ କାରଣ କାନ ନାହିଁ ,କାହାକୁ କିଛି ଦେଇ ପାରିବେ ନାହିଁ କାରଣ ହାତ ନାହିଁ କିନ୍ତୁ ସବୁ ଦେଖି ପାରିବେ ଓ ଯିଏ ଅତ୍ୟନ୍ତ ଭକ୍ତିରେ ଡାକିବ ତାକୁ ନିଶ୍ଚୟ ସହାୟ ହୁଅନ୍ତି । ମହାପ୍ରଭୁ ଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଏହି ରଥ ଯାତ୍ରା ହିଁ ସର୍ବ ଶ୍ରେଷ୍ଠ ।ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି ଯେ ଶ୍ରୀକ୍ଷତ୍ର ରେ ପ୍ରଭୁ ଙ୍କୁ ଦଶ ବର୍ଷ ଦର୍ଶନ ଫଳ ଏହି ଗୋଟିଏ ଦିନ ଦର୍ଶନ ରେ ହିଁ ମିଳେ । ପ୍ରଭୁ ଙ୍କ ଅନ୍ୟ ନାମ ପତିତପାବନ କାରଣ ଶ୍ରୀ ଜିଉ ମାନେ ଏହି ବର୍ଷକ ରେ ଗୋଟିଏ ଦିନ ଯେଉଁ ରଥ ଯାତ୍ରା ରେ ବାହାରନ୍ତି ସେହି ସମୟରେ ଆଚ଼ଣ୍ଡଳ,ବ୍ରାହ୍ମଣ ସମସ୍ତେ ତାଙ୍କୁ ସ୍ପର୍ଶ ଓ ଦର୍ଶନ କରନ୍ତି । କାରଣ ପ୍ରଭୁ ଯଦିଓ କେବଳ ହିନ୍ଦୁ ମାନଙ୍କ ଦ୍ୱାରା ପୂଜା ପାଆନ୍ତି କିନ୍ତୁ ସବୁ ଧର୍ମ ର ଲୋକ ମାନେ ଯେ ପ୍ରଭୁ ଙ୍କ ର ଭକ୍ତ ଅଛନ୍ତି ଏହା ଯୁଗେ ଯୁଗେ ପ୍ରମାଣିତ ହୋଇଛି ଓ ଏବେ ମଧ୍ୟ ତାହାର ଅନେକ ନିଦର୍ଶନ ଅଛି । ପତିତ ମାନଙ୍କୁ ଉଦ୍ଧାର କରିବା ପାଇଁ ଓ ଦର୍ଶନ ଦେବାକୁ ମଧ୍ୟ ଏହା ପ୍ରଭୁଙ୍କର ଏକ ଲୀଳା ମାତ୍ର । ପ୍ରଭୁ ଯୀଶୁଖ୍ରୀଷ୍ଟ ଓ ସନ୍ଥ ମହମ୍ମଦ ମଧ୍ୟ ପ୍ରଭୁ ଙ୍କୁ ଏହି ପୁରୀ ଧାମରେ ଦର୍ଶନ ପାଇଁ ଆସିଥିବାର କେତେକ ଗବେଷକ କହନ୍ତି କିନ୍ତୁ ଏହା କେତେଦୂର ସତ୍ୟ ତାହାର ପ୍ରମାଣ ନାହିଁ । କିନ୍ତୁ ସେ ଯାହା ହେଉ ପ୍ରଭୁ ଜଗନ୍ନାଥ ଙ୍କ ଭିତରେ ଯେ ସାରା ସଂସାର ହିଁ ସମାହିତ ଏହା ସମସ୍ତ ପ୍ରାଚ଼୍ୟ ଦେଶ ଓ ବିଦେଶରେ ପ୍ରଚ଼ାରିତ ଓ ପ୍ରସାରିତ ଓ ସମସ୍ତଙ୍କ ଭାଷାରେ ଯୁଗେ ଯୁଗେ ଜଗନ୍ନାଥ ।

ପ୍ଲଟ ନଂ ୨୫, ସୂର୍ଯ୍ୟ ନଗର
ଭୁବନେଶ୍ୱର
୯୮୬୧୦୭୫୪୦୪.

# ନୀଳାଦ୍ରି ଦଶବର୍ଷାଣୀ ଗୁଣ୍ଡିଚା ମଣ୍ଡପଦିନେ....

**ବିପିନ୍ ବିହାରୀ ମହାନ୍ତି**

ରଥଯାତ୍ରାକୁ ତିନିଭାଗରେ ବିଭକ୍ତ କରାଯାଇଛି। ଶ୍ରୀ ଗୁଣ୍ଡିଚା ଯାତ୍ରା, ଆଡପରେ ରହଣିକାଳ ଏବଂ ବାହୁଡ଼ାଯାତ୍ରା। ଶ୍ରୀ ଗୁଣ୍ଡିଚା ଯାତ୍ରା ଆଷାଢ଼ମାସ ଶୁକ୍ଳପକ୍ଷ ଦ୍ୱିତୀୟାଦିନ ଅନୁଷ୍ଠିତ ହୁଏ ଏବଂ ସେ ଦିନ ଜୀଉମାନେ ଶ୍ରୀ ଗୁଣ୍ଡିଚା ମନ୍ଦିର ସାମନା ପ୍ରାଙ୍ଗଣରେ ରାତ୍ରିଯାପନ କରନ୍ତି ଓ ସେଠାରେ ତାଙ୍କର ଯଥାବିଧି ସେବାକାର୍ଯ୍ୟ ଅନୁଷ୍ଠିତହୁଏ। ତା'ପର ଦିନ ଅର୍ଥାତ୍ ଆଷାଢ଼ମାସ ଶୁକ୍ଳପକ୍ଷ ତୃତୀୟା ଦିନ ଯଥାବିଧି ସେବାସମାପନ ପରେ ଜୀଉମାନେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଗୋଟି ପହଣ୍ଡି ଯୋଗେ ଯାତ୍ରାକରି ସିଂହାସନାରୁଢ଼ ହୁଅନ୍ତି। ତା' ପୂର୍ବରୁ ମଦନମୋହନ ଏବଂ ରାମକୃଷ୍ଣଙ୍କୁ ବିଜେକରାଇ ଯଥାକ୍ରମେ ମହାବେଦୀ ସିଂହାସନର ଅଗ୍ନିକୋଣରେ ଓ ଭଣ୍ଡାରଘର ସିଂହାସନରେ ଅବସ୍ଥାପିତ ହୋଇ ସାରିଥାନ୍ତି। ସେଠାରେ ଜୀଉମାନେ ସାତଦିନ ରହଣି କରି ପୁନଶ୍ଚ ଦଶମୀଦିନ ଶ୍ରୀମନ୍ଦିରକକୁ ପ୍ରତ୍ୟାବ ନ କରନ୍ତି। ଏହାକୁ ବାହୁଡ଼ା ଯାତ୍ରା କୁହନ୍ତି। ରଥଯାତ୍ରା ନ'ଦିନ। ସେଥିମ୍ଭରେ ଯିବା ଆସିବାରେ ଯାଏ ଦୁଇଦିନ। ଶ୍ରୀଗୁଣ୍ଡିଚା ରହଣି ସାତଦିନ: 'ଯାତାୟାତ ଦ୍ୱୟୋମନ୍ମ ସପ୍ତାହେ ମଣ୍ଡପେ ସ୍ଥିତ।

ଶ୍ରୀଗଣ୍ଡିଚା ମନ୍ଦିରର ଅନ୍ୟନାମ – ଆଡପ ମଣ୍ଡପ, ଠାକୁରମାନଙ୍କ ଜନ୍ମସ୍ଥାନବୋଲି ଜନ୍ମମହାବେଦୀ, ଅର୍ନ୍ତବେଦୀ, ଜନକପୁରୀ, ଯଜ୍ଞବେଦୀ, ନୃସିଂହ ପୀଠ ଏବଂ ଆହୁରି ଅନେକନାମ ଅଛି। ଏହି ନାମକୁ ଧରି ରଥଯାତ୍ରାର ନାମ ଶ୍ରୀ ଗୁଣ୍ଡିଚା ଯାତ୍ରା, ଆଡ଼ପ ଯାତ୍ରା ଇତ୍ୟାଦି ଇତ୍ୟାଦି ନାମେ ନାମିତ ହୋଇଅଛି। ତେବେ ରଥଯାତ୍ରା ଅବସରେ ଗୁଣ୍ଡିଚା ରହଣିକାଳ ଏବଂ ରଥାରଢ଼ ଜୀଉମାନଙ୍କ ଦର୍ଶନ ଶ୍ରୀମନ୍ଦିରର ଦର୍ଶନ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ।

ଆଷାଢ଼ ଶୁକ୍ଳ ତୃତୀୟାଦିନ ଶ୍ରୀ ଜୀଉମାନେ ଗୁଣ୍ଡିଚା ମନ୍ଦିରେ ସିଂହାସନାରୁଢ଼ ପରେ ସେମାନଙ୍କୁ ମହାସ୍ନାନ କରାଇ ସର୍ବାଙ୍ଗଲାଗି କରାଯାଏ। ଏହାପରେ 'ସୁନାଗୋସାଇଁ ବା ଚନ୍ଦନ ଲାଗି' କରାଯାଏ। ଏହି ଦିନ ଶ୍ରୀ ଜୀଉମାନଙ୍କୁ ଅନ୍ନଭୋଗ କରାଯାଏ ନାହିଁ। ଶୁକ୍ଳ ଚତୁର୍ଥି ଦିନ ଠାରୁ ଶୁକ୍ଳ ନବମୀ ଯାଏଁ ଏଠାରେ ଛଅ ଦିନ ଅନ୍ନ ପ୍ରସାଦ ପ୍ରସ୍ତୁତ କରାଯାଇ ଲାଗିହୁଏ। ଏ ପ୍ରସାଦ ଲାଗିହେବା ଏବଂ ପରିବେଷଣ ହେବା ପୂର୍ବରୁ ବିମଳାଙ୍କ ଉଦ୍ଦେଶ୍ୟରେ ଥାଳିଏ ଭୋଗ ଶ୍ରୀମନ୍ଦିରକୁ ପଠାଇଦିଆଯାଏ। ନୋହିଲେ ଏହା ମହାପ୍ରସାଦ ଯୋଗ୍ୟ ବା ଭୋଗ୍ୟ ନୁହେଁ।

ଏହି ସମୟରେ ରଥଗୁଡିକର ଧ୍ୱଜା, ପାର୍ଶ୍ୱଦେବ-ଦେବୀ ଏବଂ ଭୂତ ପିଶାଚ ଇତ୍ୟାଦିଙ୍କୁ ପୂଜା ସହ ଭୋଗ ଅର୍ପଣ କରଯାଏ ଏବଂ ରଥକୁ ସୁରକ୍ଷା ଦେବା ନିମନ୍ତେ ଦିଗପାଳମାନଙ୍କୁ ସୁମିଷ୍ଟ କ୍ଷୀରୀ ଦିଆଯାଏ। ନୀଳାଦ୍ରି ମହୋଦୟ ଲେଖାନୁଯାୟୀ : ତତ୍ ସପ୍ତମଦିନମାରଭ୍ୟ ଧ୍ୟଜାପୂଜା ବିଦିୟତେ।

ରଥେଷ୍ଟୁ କୁଛିତା-ଜୀବା ନିର୍ବିଶେଷୁ ଯଥା ନୃପ।।

ଆଡପରେ ତୃତୀୟ, ଚତୁର୍ଥ ଓ ପ ମ ତିନିଦିନ ଧରି ସାଧାରଣ ନୀତି ଅବଲମ୍ବନ କରାଯାଏ। ଚତୁର୍ଥ ଦିନ ଅର୍ଥାତ ଶୁକ୍ଳ ଷଷ୍ଠୀଦିନ ହେରାପ ମୀ ପର୍ବ ଅନୁଷ୍ଠିତ ହୁଏ । ଏହା ଆଡପ ରହଣିକାଳର ଏକ ମୁଖ୍ୟ ପର୍ବ । ଏ ଦିନ ମା' ଲକ୍ଷ୍ମୀ ଠାକୁରାଣୀ ଶ୍ରୀ ଜଗନ୍ନାଥଙ୍କ ଦର୍ଶନପାଇଁ ଗୁଣ୍ଡିଚା ମନ୍ଦିରକୁ ଗୋପନ ଯାତ୍ରା କରନ୍ତି। ମାତ୍ର ଦର୍ଶନ ନପାଇ ରାଗ ଓ ଅଭିମାନରେ ତାଙ୍କ ନନ୍ଦିଘୋଷ ରଥରୁ ଖଣ୍ଡେ କାଠଭାଙ୍ଗି ହେରା ଗୋହିରୀ ସାହିଦେଇ ଗୋପନରେ ମନ୍ଦିରକୁ 'ରିଯା'ଆନ୍ତି। ଶେଷ ତିନିଦିନ ଅର୍ଥାତ୍ ଯାତ୍ରାର ସପ୍ତମ, ଅଷ୍ଟମ ଓ ନବମ ଦିବସ ଗୁଡ଼ିକୁ ମହାରାସୋତ୍ସବ ବା ଇନ୍ଦ୍ରଦ୍ୟୁମ୍ନ ମହୋତ୍ସବ ଭାବେ ବିଦିତ କରାଯାଇଛି। ଅଷ୍ଟମଦିନ ପ୍ରଭୁଙ୍କର ଆଜ୍ଞାମାଳ ଗଳାପରେ ତିନିରଥକୁ ଦକ୍ଷିଣ ମୋଡ଼କରାଯାଇ ନାକଚଣା ଦ୍ୱାର ନିକଟରେ ରଖାଯାଏ। ନବମଦିନ ଆଡପ ମଣ୍ଡପରେ ଶ୍ରୀ ଜଗନ୍ନାଥଙ୍କୁ ରାମ ରୂପେ ବିଭୂଷିତ କରାଯାଏ। କଥିତ ଅଛି ଏହିଦିନ ରାମାନନ୍ଦ ଆଡ଼ପ ମଣ୍ଡପରେ ଶ୍ରୀ ଜଗନ୍ନାଥଙ୍କୁ ରାମରୂପେ ଦର୍ଶନ କରିଥିବାରୁ, ସେବେଠାରୁ ସନ୍ଧ୍ୟାକାଳୀନ ଏହି ଦର୍ଶନକୁ ବିଶେଷ ଗୁରୁତ୍ୱ ଦିଆଯାଏ। ଏହି ଦର୍ଶନରେ କେଉଁଠି ଅଶେଷ ପୁଣ୍ୟ'ଳ ମିଳେ। ଶୁକ୍ଳ ଦଶମୀ ଦିନ ଜୀଉମାନେ ପୁନଶ୍ଚ ଧାଡ଼ି ପହଣ୍ଡିରେ ରଥାରୁଢ଼ ହୋଇ ଶ୍ରୀ ମନ୍ଦିର ଅଭିମୂଖେ ବାହୁଡ଼ା ଯାତ୍ରା ଆରମ୍ଭ କରନ୍ତି। ଏଥି ପୂର୍ବରୁ ଶ୍ରୀ ଗୁଣ୍ଡିଚା ଯାତ୍ରାପରି ଯଥାରୀତି ଛେରାପହଁରା ଓ ଅନ୍ୟାନ୍ୟ କାର୍ଯ୍ୟ ସାରି ଦିଆଯାଇଥାଏ। ଏଠାରେ ସୂଚାଇ ଦେବାକୁ ଚାହୁଁଯେ ଗୁଣ୍ଡିଚା ଯାତ୍ରା ବେଳେ କେବଳ ମଙ୍ଗଳା ରୋପଣ ହେଉଥିବା ବେଳେ, ବାହୁଡ଼ା ଯାତ୍ରାରେ ମଙ୍ଗଳା ରୋପଣ ସହ ରାଜନୀତି ବନ୍ଦାପନା ହୁଏ ବୋଲି ଏହି ଉତ୍ସବର ପ୍ରାଧାନ୍ୟ ଅଧିକ।

ରଥାରୁଢ଼ ଜୀଉମାନଙ୍କ ଦର୍ଶନ, ସେ ପଥ ହେଉ ବା ଶ୍ରୀ ମନ୍ଦର ଦ୍ୱାର ଦେଶ ହେଉ ଅଥବା ଶ୍ରୀ ଗୁଣ୍ଡିଚାମନ୍ଦିରର ପାଟଅଗଣା ସ୍ଥିତ ସ୍ଥାନ ହେଉ, କଲେ ସମସ୍ତ ପାତକ ଲୋପ ପାଏ ଏବଂ ପୁର୍ନଜନ୍ମରୁ ମୁକ୍ତି ମିଳେ ବୋଲି ବିଶ୍ୱାସ୍। ଶାସ୍ତ୍ର ମତେ:

ଦୋଳାରୁଢ଼ଂ ତୁ ଦୋଳଗୋବିନ୍ଦଂ ମ ସ୍ଥ ମଧୁସୁଧନମ୍।
ରଥସ୍ଥଂ ବାମନଂ ଦୃଷ୍ଟା ପୁର୍ନଜନ୍ମ ନ ବିଦ୍ୟତେ।।

ଅର୍ଥାତ୍ ଦୋଳରେ ଗୋବିନ୍ଦରୂପେ, ଚାପରେ ମଧୁସୁଦନ ଏବଂ ରଥରେ ବାମନରୂପେ ଯିଏ ଶ୍ରୀ ଜୀଉମାନଙ୍କ ଦର୍ଶନ କରନ୍ତି, ତାଙ୍କର ପୁର୍ନଜନ୍ମ ନାହିଁ। ସବୁ ଦର୍ଶନଠାରୁ ରଥଉପରେ ବାମନ ରୂପେ ଦର୍ଶନ ହିଁ ଶ୍ରେଷ୍ଠ ଦର୍ଶନ।

ରଥସ୍ଥଂ ଚଜଗନ୍ନାଥଂ ପ୍ରୟାନ୍ତଂ ଗୁଣ୍ଡିଚା ଗୃହମ୍।
ଯେ ପଶ୍ୟନ୍ତି ନରଶ୍ରେଷ୍ଠାସ୍ତେ ଧନ୍ୟାଭୂବନତ୍ରୟେ:
: ନୀଳାଦ୍ରିମହୋଦୟେ।।

ଦୋଳେନ ଦୋଳ ଗୋବିନ୍ଦଂ, ଚାପେଷ୍ଟ ମଧୁସୂଦନମ୍ ।
ରଥେତୁ ବାମନ ଦ୍ୱଷ୍ଟା ପୁର୍ନଜନ୍ମ ନ ବିଦ୍ୟତେ।।
: କପଳ ସଂହିତା

ଏ ସମସ୍ତ ଶ୍ଳୋକମାନେ ସେହି ରଥାରୁଢ଼ ଜୀଉମାନଙ୍କ ଦର୍ଶନ ଉପରେ ଗୁରୁତ୍ୱ ପ୍ରଦାନ କରନ୍ତି।

ସ୍କନ୍ଦପୁରାଣ ମତେ:

ନୀଳାଚଳ ସମାୟନଂ ରଥସ୍ଥ ଦକ୍ଷିଣାମୁଖମ୍
ଯେ ପଶ୍ୟନ୍ତି ହୃଷିକେଶଂ, ସୁଭଦ୍ରା, ଲଙ୍ଗଲାୟୁଧମ୍
କାଳ କଳ୍ପତରୁପୁଂସାଂ ଦର୍ଶନ ଦେବ ମୁକ୍ତିଦମ୍
ତେ ବ୍ରଜନ୍ତି ମହାମୁନୋ, ବୈକୁଣ୍ଠ ଭୂବନଂ ହରେ।।

ଅର୍ଥାର୍ତ ଶ୍ରୀ ଗୁଣ୍ଡିଚା ପାଟଅଗଣାରେ ଦକ୍ଷିଣ ମୋଡ଼ରେ ରଥାରୁଡ ଜୀଉମାନଙ୍କୁ ଯିଏ ଦର୍ଶନ କରନ୍ତି, ତାଙ୍କର ବୈକୁଣ୍ଠବାସ ସୁନିଶ୍ଚିତ।

ବିଶ୍ୱନାଥ ଖୁ ିଆଙ୍କ ବିଚିତ୍ର ରାମାୟଣରେ ଉଲ୍ଲେଖ ଅଛିଯେ ଏହି ଦକ୍ଷିଣମୋଡ ଅବସ୍ଥାନରେ ବାହୁଡା ଯାତ୍ରାପରେ ରଥାରୁଢ଼ ଜୀଉମାନଙ୍କୁ ସୁନାବେଶରେ ଦର୍ଶନ କରିବାପାଇଁ ବିଭୀଷଣ ବି ଅପେକ୍ଷା କରିଥାନ୍ତି।

"ହେମଶ୍ରୀ ପୟରେ ହେମ ଶ୍ରୀଭୂଜରେ ଶୋହେ ହେମ ଧନୁବାଣ। ଯେବର ଦକ୍ଷିଣମୂ ିର୍ଦ୍ଦଶନକୁ ଚାକିଥାନ୍ତି ବିଭୀଷଣ।" ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିରରେ ଦର୍ଶନ ସଂମ୍ପର୍କରେ ସ୍କନ୍ଦପୁରାଣରେ ଲେଖା ଅଛି:

ନୀଳାଦ୍ରି ଦଶବର୍ଷାଣୀ ଗୁଣ୍ଡିଚା ମଣ୍ଡପଦିନେ,
ତିବାତି ଦର୍ଶନଂ ପୂଣ୍ୟଂ ରାତୌ ଦଶଗୁଣ ଭବେତ୍।

ଅର୍ଥାତ୍ ଶ୍ରୀ ମନ୍ଦିରରେ ଦର୍ଶବର୍ଷ ଶ୍ରୀ ଜୀଉମାନଙ୍କୁ ଦର୍ଶନକଲେ, ଯେତିକି 'ଳମିଳେ, ଶ୍ରୀ ଗୁଣ୍ଡିଚା ମନ୍ଦିରରେ ଗୋଟିଏ ଦିନ ଦର୍ଶନରେ ସମପୂଣ୍ୟ 'ଳ ମିଳିଥାଏ। ପୁନଶ୍ଚ ଦିନର ଦର୍ଶନଠାରୁ ରାତି ଦର୍ଶନରେ ଦଶଗୁଣ 'ଳ ମିଳେ।

ଏକଥା ମଧ୍ୟ ଶାସ୍ତ୍ରରେ ଭିନ୍ନାକାରରେ ଲେଖା ଅଛି:

'ନୀଳାଦ୍ରୌ ଦଶସହସ୍ରାଣୀ ଆଡପ ମଣ୍ଡପଦିନେ'।

ଅର୍ଥାତ ଶ୍ରୀ ମନ୍ଦିରରେ ଜୀଉମାନଙ୍କୁ ଦଶ ହଜାର ଦିନ ଦର୍ଶନକଲେ, ଯାହା'ଳ ମିଳେ, ଆଡପ ମଣ୍ଡପରେ ଗୋଟିଏ ଦିନ ଦର୍ଶନକଲେ ସେତିକି 'ଳ ମିଳିଥାଏ।

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ, ପାପମୋଚନ ଓ ନିର୍ବାଣ ପ୍ରାପ୍ତି ବା ପୁର୍ନଜନ୍ମର ମୁକ୍ତିପାଇଁ ଶ୍ରୀ ଜୀଉମାନଙ୍କ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରୁ ସୁସ୍ପଷ୍ଟ ଯେ ଶ୍ରୀ ମନ୍ଦିରରେ ଦର୍ଶନ ଅପେକ୍ଷା ରଥାରୁଢ଼ ଜୀଉମାନଙ୍କ ଦର୍ଶନ ଏବଂ ସର୍ବୋପରି ଆଡପ ମଣ୍ଡପ ଦର୍ଶନ ସର୍ବୋ ମ ଅଟେ। ପତିତମାନାଙ୍କ ଦର୍ଶନାର୍ଥେ ଏବଂ ଉଦ୍ଧାରାର୍ଥେ ଠାକୁରମାନଙ୍କ ଏ ଘୋଷ ଯାତ୍ରା। ସେହି ପତିତମାନଙ୍କୁ ଉଦ୍ଧାରକରନ୍ତୁ ଏ ମହାବାହୁ। ଯୁଗେ ଯୁଗେ ତାଙ୍କରି ନାମ ଏମିତି ଜନ ମୁଖରେ ରଟୁଥାଉ। ଏହାହିଁ ବିଚାର କରିବ ହେ ମହାବାହୁ!

ଅଧ୍ୟକ୍ଷ, ଓଡିଶା ଭାଷା ସଂରକ୍ଷଣ ଓ
ଗବେଷଣା ପ୍ରତିଷ୍ଠାନ:
ବିପିନ୍ ବିହାରୀ ପାଠାଗାର,
ଜଟଣୀ, ଖୋର୍ଦ୍ଧା
ସୂନ୍ୟ ଭାସ୍: ୯୯୩୮୩୪୧୩୮




# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୁରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଲିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ିର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

# ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ଭ୍ରାନ୍ତିହୀନ କ୍ରାନ୍ତିକାରୀ ପ୍ରାଣନାଥ



ମାନବ ସମାଜର ଅଗ୍ରଗତି ପଥରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାକୁ ହଟାଇ ସ୍ଥିତାବସ୍ଥା ବଦଳରେ ନୂତନ ପ୍ରଗତିଶୀଳ ବ୍ୟବସ୍ଥାକୁ ଯିବାର ନାମ କ୍ରାନ୍ତି। ସ୍ୱର୍ଗୀୟ ପ୍ରାଣନାଥ ପଟ୍ଟନାୟକ ଥିଲେ ଏହି କ୍ରାନ୍ତି ପଥର ଯାତ୍ରୀ। ତେଣୁ ସେ ଥିଲେ କ୍ରାନ୍ତିକାରୀ। ଅତି ସରଳ ଭାବରେ ବୁଝିବାକୁ ଗଲେ ସେ ଥିଲେ ଜଣେ ଉତ୍ସର୍ଗୀକୃତ ସଂଗ୍ରାମୀ, ସମାଜ ସଂସ୍କାରକ, ବାମପନ୍ଥୀ ଚିନ୍ତାଧାରାର ପ୍ରବକ୍ତା, ପ୍ରଗତିବାଦର ଜନନେତା, ଶିକ୍ଷାର ପ୍ରସାରରେ ଅଗ୍ରଣୀ, ଆସନ୍ତାକାଲିର ସାହିତ୍ୟ ଲେଖକ।

ଗୋଟିଏ ସମ୍ଭ୍ରାନ୍ତ ବଂଶରେ ଜନ୍ମଲାଭ କରି ଉଚ୍ଚଶିକ୍ଷା ଲାଭ କରିଥିବା ଯୁବକ ପ୍ରାଣନାଥ ପଟ୍ଟନାୟକ ଉଚ୍ଚ ଚାକିରିର ମୋହ ତ୍ୟାଗ କରି ଐତିହାସିକ ଆବଶ୍ୟକତାର ଆହ୍ୱାନକୁ ସ୍ୱାଗତ ଜଣାଇ ଏବଂ ଗାନ୍ଧି, ଗୋପବନ୍ଧୁଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିନେଇ ଜାତୀୟ ମୁକ୍ତି ଆନ୍ଦୋଳନକୁ ଲମ୍ଫ ଦେଇଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଥିଲେ କ୍ରାନ୍ତିକାରୀ ଓ କ୍ରାନ୍ତିପଥର ପଥିକ। ୧୯୩୬ରେ ଓଡ଼ିଶାରେ କୃଷକ ସଙ୍ଗଠନ ଗଠିତ ହେଲା। ପ୍ରାଣନାଥ ପଟ୍ଟନାୟକ ସେହି ସଙ୍ଗଠନର ମୁଖ୍ୟ କର୍ତ୍ତା ଭାବେ ରହିଥିଲେ। ଦୀର୍ଘବର୍ଷ ଧରି ରାଜ୍ୟ କୃଷକ ସଭାର ସେ ସଭାପତି ରହି କୃଷକ ଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ। ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇ କଲିକତାରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା। ଭଗବତୀ ଚରଣ ପାଣିଗ୍ରାହୀ ଏହାର ସମ୍ପାଦକ ରହିଥିଲେ। ତେଣୁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ସେ ଥିଲେ ଅନ୍ୟତମ ସ୍ରଷ୍ଟା।

ସ୍ୱାଧୀନତା ପରେ ମଧ ସେ ଦୀର୍ଘଦିନ ଆତ୍ମଗୋପନ କରି ଶେଷରେ ୧୯୪୮ରୁ ୫୨ ପର୍ଯ୍ୟନ୍ତ ଅଟକବନ୍ଦୀ ହୋଇ ରହିବା ସହିତ ୧୯୬୪ରେ ଦରଦାମ ବୃଦ୍ଧି, ବ୍ୟାଙ୍କ ଜାତୀୟକରଣ, ରଜାଙ୍କ ଭତ୍ତା କାଟ ଦାବି ନେଇ ଆନ୍ଦୋଳନ କରି ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱକାଳ ବନ୍ଦୀ ଜୀବନ କଟାଇଥିଲେ। ସେ ଜଣେ ନିର୍ଭୀକ ସଂଗ୍ରାମୀ ଭାବେ ଏସବୁ ଦଣ୍ଡକୁ ସହ୍ୟକରି ନେଉଥିଲେ। ଖୋର୍ଦ୍ଧାବାସୀଙ୍କ ଶ୍ରଦ୍ଧା ପାଇ ସେ ଓଡ଼ିଶା ବିଧାନସଭାକୁ ୧୯୩୬/୩୭ରେ ଓ ସ୍ୱାଧୀନତା ପରେ ୧୯୫୭ରେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଥିଲେ। ଜଣେ ବିଧାୟକ ଭାବେ ତାଙ୍କର ଯଥେଷ୍ଟ ସମ୍ମାନ ଓ ଖ୍ୟାତି ଥିଲା। ପ୍ରାଣନାଥ ପଟ୍ଟନାୟକ କେବଳ ଏକ ନାମ ନୁହେଁ। ଏହା ଏକ କ୍ରାନ୍ତିକାରୀ ସଙ୍ଗଠନ, ଏକ କ୍ରାନ୍ତିକାରୀ ତତ୍ତ୍ୱ, ଏକ କ୍ରାନ୍ତିକାରୀ ଇତିହାସ। ଆଗକୁ ଆଲୋକ ଦେଖାଉଥିବା ଏକ ଉଜ୍ଜ୍ୱଳ ନକ୍ଷତ୍ର।

# କର୍କଟ ପୀଡ଼ିତଙ୍କୁ ସହାୟତା ଯୋଗାଇଲା କଳ୍ପନା ଛକଟୋକା ସଂଘ

ଭୁବନେଶ୍ୱର (ପିଏନ୍): ସମାଜରେ ସାମାଜିକ ବିପ୍ଲବ ସୃଷ୍ଟି କରିବାରେ କଳ୍ପନା ଛକଟୋକା ସଂଘ ଏକ ସ୍ଥାନ ସୃଷ୍ଟି କରିପାରିଛି। ରାଜଧାନୀର ରାସ୍ତାକଡ଼ରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରି ଅସହାୟ କର୍କଟ ରୋଗରେ ପୀଡ଼ିତ ଓ ପୀଡ଼ିତାଙ୍କ ମୁହଁରେ ଟିକେ ହସ ଫୁଟାଇବାରେ ସକ୍ଷମ ହୋଇପାରିଛି। ପାଞ୍ଚବର୍ଷ ପୂର୍ବରୁ ଯୁବକମାନଙ୍କଠାରୁ ହୁଣ୍ଡି ମାଧ୍ୟମରେ ଆଦାୟ ଅର୍ଥରାଶିକୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୨ ଜଣ ମାରାତ୍ମକ କର୍କଟ ରୋଗୀଙ୍କୁ ନିଃସ୍ୱାର୍ଥପର ଭାବେ ତାର ସେବା ଜାରି ରଖିଛି। ରାଜଧାନୀର ବିଭିନ୍ନ ଖଟି ନିଶାମୁକ୍ତ, ହିଂସାମୁକ୍ତ ହେବା ସହ ସମାଜସେବାକୁ ଗୁରୁତ୍ୱ ଦେଇ ଭାଇଚାରା ବଜାୟ ରଖିବା ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

ଏହାକୁ ଆଖି ଆଗରେ ରଖି କଳ୍ପନା ଛକଟୋକା ସଂଘର ୨୩ତମ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଧ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜମଙ୍ଗଳ ହୁଣ୍ଡିର ମହାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ହୁଣ୍ଡିରୁ ଆଦାୟ ମୋଟ ତିରିଶି ହଜାର ପାଞ୍ଚଶହ ଏକ ଟଙ୍କା ଅର୍ଥରାଶି ବ୍ରହ୍ମେଶ୍ୱରପୁର, ଡେଲାଙ୍ଗ, ପିପିଲି ଅଞ୍ଚଳର କର୍କଟ ପୀଡ଼ିତ ସତ୍ୟପ୍ରିୟ ନାୟକଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର, କର୍ପୋରେଟର ଆଶିଷ ପଟ୍ଟନାୟକ, ସମାଜସେବୀ ଆଦିତ୍ୟ ଗଜେନ୍ଦ୍ର, ଯୁବନେତା ସଂଗ୍ରାମ ମାର୍ଥା, ପ୍ରଯୋଜକ ଶ୍ରୀଧର ମାର୍ଥା, ସମାଜସେବୀ ତଥା କବୟିତ୍ରୀ ବନ୍ଦନା ହରିଚନ୍ଦନ, ସ୍ତମ୍ଭକାର ସୃଷ୍ଟିକୀର୍ତ୍ତି ତ୍ରିପାଠୀ, ସମାଜସେବୀ ମନସ୍ମିତା ଜେନା, ସମାଜସେବୀ ସସ୍ମିତା ଦାସ, ସମାଜସେବୀ ଲିପିକା ରାୟ, ନାଟ୍ୟ ପ୍ରାଧ୍ୟାପକ ଡା. ଅସିତ ଦାସ, ନିର୍ଦ୍ଦେଶକ ଶିବଶଙ୍କର ତ୍ରିପାଠୀ, ଅଭିନେତା ବୁଲୁ ପଣ୍ଡା, ଯାତ୍ରା ନାୟକ ହୃଷିକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ଧୀରେନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ପବିତ୍ର ଗଜେନ୍ଦ୍ର, ରୋହିତ କୁମାର, ସଞ୍ଜୟ ପରିଡ଼ା, ପ୍ରମୋଦ କୁମାର ପତି, ଗୁରୁପଦ ନାଥ, ବାସୁଭ ଦାସ, ତନ୍ମୟ ସାମନ୍ତରାୟ, ବାବୁଲା ପରିଡ଼ା, ସ୍ନିଗ୍ଧା ମହାନ୍ତି, ରୂପଶ୍ରୀ ସାହୁ, ବର୍ଷା ଦାସ, ଇମନ ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ନିରଞ୍ଜନ ସାହୁ, ରାଜକୁମାର, ସନ୍ଧ୍ୟାରାଣୀ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# କଂଗ୍ରେସ କର୍ମୀଙ୍କୁ ପିସିସି ସଭାପତିଙ୍କ ଧନ୍ୟବାଦ ଜ୍ଞାପନ

ରାଉରକେଲା (ପିଏନ୍): ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ତାଙ୍କର ୩ ଦିନିଆ ରାଉରକେଲା ଓ ସୁନ୍ଦରଗଡ ଗସ୍ତ ସାରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ତାଙ୍କର ଏହି ଗସ୍ତ କାଳରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସୁନ୍ଦରଗଡ ଜିଲ୍ଲା କଂଗ୍ରେସ ତରଫରୁ ମଧ ସୁନ୍ଦରଗଡରେ ଶ୍ରୀ ପଟ୍ଟନାୟକଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରାଜଗାଙ୍ଗପୁରରେ ମଧ ଯୁବ କଂଗ୍ରେସ କର୍ମୀଙ୍କୁ ନେଇ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଉଭୟ ଜିଲ୍ଲା କଂଗ୍ରେସର କର୍ମକର୍ତ୍ତା ଓ କର୍ମୀ ତଥା ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, କଂଗ୍ରେସ ସେବାଦଳ, କଂଗ୍ରେସର ଏସ୍‌ଟି ସେଲ୍, ଏସ୍‌ସି ସେଲ୍, ଓବିସି ସେଲ୍, ସଂଖ୍ୟାଲଘୁ ସେଲ୍, ଲିଗାଲ ସେଲ୍, କିସାନ ସେଲ୍, ମତ୍ସ୍ୟଜୀବି ସେଲ୍, ଅସଙ୍ଗଠିତ ଶ୍ରମିକ ସେଲ୍, ଆଇଏନ୍‌ଟିୟୁସି ଇତ୍ୟାଦିର ସମସ୍ତ କର୍ମକର୍ତ୍ତା ଓ କର୍ମୀମାନେ ଶ୍ରୀ ପଟ୍ଟନାୟକଙ୍କୁ ଯେପରି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଅତି ସୁନ୍ଦର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋନଜ କଲେ ସେଥିପାଇଁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହିସବୁ କାର୍ଯ୍ୟକ୍ରମକୁ ଯେପରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି, ପୁଲିସ୍ ପ୍ରଶାସନ ତଥା ସହରବାସୀଙ୍କ ତରଫରୁ ବିଶେଷ ସହଯୋଗ ମିଳିଲା ସେଥିପାଇଁ ସେମାନଙ୍କୁ ଶ୍ରୀ ପଟ୍ଟନାୟକ ବିଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି ବୋଲି ଏକ ପ୍ରେସ୍ ବିବୃତିରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି।

# ଶିକ୍ଷାବିତ୍ ଭଗବାନ ପଟ୍ଟନାୟକଙ୍କ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଶିକ୍ଷାଜିଲ୍ଲା ଜିଲ୍ଲା ସମ୍ମାନପ୍ରାପ୍ତ ଶିକ୍ଷକ ଭଗବାନ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଜନ୍ମସ୍ଥାନ ବାଂକୋଇ ଠାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକ ବିଭିନ୍ନ ବିଷୟରେ ଗଭୀର ଜ୍ଞାନର ଅଧିକାରୀ ହୋଇ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଐତିହାସିକ ରବୀନ୍ଦ୍ରନାଥ ପରିଡ଼ା ମୁଖ୍ୟଅତିଥି, ଶିକ୍ଷାବିତ୍ ହରିବନ୍ଧୁ ସାହୁ ମୁଖ୍ୟବକ୍ତା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଉପସଭାନେତ୍ରୀ ସଂଗୀତା ଦାଶ ସ୍ୱତଂତ୍ର ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଭୋଳ, ବାଲ୍ମୀକ ବଳିଆରସିଂହ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ବହୁମୁଖୀ ଗୁଣାବଳିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ସ୍ମରଣିକା 'ଜ୍ଞାନଦୀପ୍ତ' ଉନ୍ମୋଚିତ ହୋଇଥିଲା। ଭଗବାନ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ସଂଗୀତା ଦାଶ, ଖୋର୍ଦ୍ଧାର କବୟିତ୍ରୀ ସୁବାସିନୀ ପଟ୍ଟନାୟକ, ଟାଂଗୀର ଶିକ୍ଷକନେତା ପ୍ରସନ୍ନ ଶ୍ରୀଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. କୃଷ୍ଣଚନ୍ଦ୍ର ପଟ୍ଟନାୟକ ଅତିଥଇ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କନ୍ୟା ମଂଜୁଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ଦାସ, ପ୍ରାଣକୃଷ୍ଣ ପାତ୍ର, ବାସୁଦେବ ସିଂହ, ଫଂଚୁ ଭାରିମଲ୍ଲ, ଚିନ୍ତାମଣି ବିଶ୍ୱାଳ, ଡ. ବିବେକାନନ୍ଦ ସ୍ୱାଇଁ, ଗୀତାରାଣୀ ମହାପାତ୍ର ପ୍ରମୁଖ ତାଂକର ବହୁମୁଖୀ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ପୁତ୍ର ଶିଶିର କୁମାର ପଟ୍ଟନାୟକ, ଶରତ କୁମାର ପଟ୍ଟନାୟକ, ଗୀତାଂଜଳି ହରିଚନ୍ଦନ, ନିଗମ ପ୍ରସାଦ ହରିଚନ୍ଦନ, ସତ୍ୟାନନ୍ଦ ଜଗଦ୍ଦେବ, ଆଶୁତୋଷ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହିଳା ଓ ଶିଶୁ ଡେସ୍କ ଅଧିକାରୀଙ୍କ କର୍ମଶାଳା

ବାଲେଶ୍ୱର (ପିଏନ୍)- ରାଜ୍ୟ ପୁଲିସ ବିଭାଗ ଅଧୀନରେ ଥିବା ଥାନାଗୁଡ଼ିକରେ ଖୋଲିଥିବା ମହିଳା ଓ ଶିଶୁ ଡେସ୍କରେ କର୍ମରତ ପୁଲିସ କର୍ମଚାରୀମାନଙ୍କର ଦୁଇଦିନିଆ କର୍ମଶାଳା ନୋସୀ ବିଜନେସ ପାର୍କ ସମ୍ମିଳନୀରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭବେ ବିଭାଗୀୟ ଏ.ଡ଼ି.ଜି ରେଖା ଲୋହାନି, ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ରେଞ୍ଜ ଆଇ.ଜି ହିମାଂଶୁ ଲାଲ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଶିଶୁ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଏତଲା ଥାନାରେ ଦେବାପରେ ଡେସ୍କ ପକ୍ଷରୁ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବୁଝାଇଥିଲେ। ଚାଇଲ୍ଡ ଲାଇନ ଓ ୟୁନିସେଫର ବୈଷୟିକ ସହଯୋଗରେ ଆୟୋଜିତ କର୍ମଶାଳାରେ ଚାଇଲ୍ଡ ଲାଇନ ପକ୍ଷରୁ ନିଯୁକ୍ତ ରିଶୋର୍ସ ପର୍ସନ ତଥା ଟ୍ରେନର କେ. ରମେଶ, ରାଜୁ କୋଟାଇ ଏବଂ ଆରକା ଲାହା ପ୍ରମୁଖ ଭଦ୍ରକ ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରୁ ଆସିଥିବା ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ଟ୍ରେନରମାନଙ୍କ ବିଭିନ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। ଟ୍ରେନରମାନେ ମୁଖ୍ୟତଃ ୩୫ଟି ପ୍ରସଙ୍ଗ ଉପରେ ବୁଝାଇଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Sunday July 07, 2024 ଭୁବନେଶ୍ୱର ରବିବାର, ଜୁଲାଇ ୦୭,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ



ରାୟଗଡ,(ପି.ଏନ): ସେବା ଓ କରୁଣାର ପ୍ରତୀକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଆଜି ପ୍ରତ୍ୟୁଷରେ ସହରସ୍ଥିତ ଗାନ୍ଧୀ ପାର୍କରେ ଅତିଥି ମାନେ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରି ଏହି ମହାନ ନାୟକ ଙ୍କ ସ୍ମୃତି ଉଚ୍ଚାରଣ କରିଥିଲେ। ଦେଶ ସେବାକୁ ଆଖି ଆଗରେ ରଖି ନିଜ ରୋଗାକ୍ରାନ୍ତ ପୁତ୍ରକୁ ଅବହେଳା କରି ଦେଶ ସେବା ରେ ନିଜକୁ ସମର୍ପି ଦେଇଥିବା ଏହି ମହାନ ପୁରୁଷ ଙ୍କୁ ଦେଶ ସବୁବେଳେ ମନେ ରଖିବ ବୋଲି ଉପସ୍ଥିତ ଅତିଥି ମାନେ ମତ ଦେଇଥିଲେ। ସ୍ୱର୍ଗତ ଗୋପବନ୍ଧୁ ଦାସ ମୁଁ ନୁହେଁ ଆମେ କହି ସମସ୍ତଙ୍କୁ ଏକ ଡରିରେ ବାନ୍ଧି ରଖି ସଫଳତା ହାସଲ କରୁଥିଲେ। ଆଜିର ଯୁବପିଢି ଏହି ଜନ ନାୟକ ଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ୍ ବୋଲି ଉପ ଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବି ପ୍ରକାଶ କରିଥିଲେ।ସେବା ଓ ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ର ଅନ୍ୟତମ ବିନ୍ଧାଣି ଥିଲେ । ସେବାର ଅନ୍ୟନାମ ଉତ୍କଳମଣି ବୋଲି ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରୋଇତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସାମାଜିକ ସୁରକ୍ଷା ସଂଗଠନ(ଏସ ଆର୍ ସି ) ଶ୍ରୀ ତ୍ରିଲୋଚନ ପଢ଼ିହାରି ମଧ୍ୟ ଉପସ୍ଥିତ ଥିଲେ।ପ୍ରାରମ୍ଭରେ ଜିଲ୍ଲା ସୂଚନା ଅଧିକାରି ଶ୍ରୀ ବସନ୍ତ କୁମାର ପ୍ରଧାନ ଅତିଥି ମାନଙ୍କ ପରିଚୟ ସହ ଗୋପବନ୍ଧୁ ସ୍ମୃତିଚାରଣ କରିଥିଲେ।ପ୍ରାତଃ ୭ଟା ଏହି ମହାନ୍ ଆତ୍ମା ର ସଦଗତି କାମନା କରି ସ୍ଥାନୀୟ ଝଂଜାବତି ନଦୀ ତୀରେ ତିଳ ତର୍ପଣ ଅର୍ପଣ କରା ଯାଇଥିଲା। ଶେଷରେ ଜେକେ ର ସମାଜ ପ୍ରତିନିଧି ସନ୍ତୋଷ କୁମାର ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ରାୟଗଡ଼ ସମାଜ ଖବର ପ୍ରତିନିଧି ବିଜୟ କୁମାର ମହାରଣା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ମାନେ ମଧ୍ୟ ଯୋଗ ଦେଇଥିଲେ।

## ଚିକିତ୍ସା ପାଇଁ ଅର୍ଥବାଧକ ମୃତ୍ୟୁ ସହ ଯୁଦ୍ଧ କରୁଛନ୍ତି ଲଳିତ

ଜେନାପୁର,(ପି.ଏନ୍): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋତପୁର ପଞ୍ଚାୟତସ୍ଥିତ କୋତପୁର ଗ୍ରାମର ଟୁଟୁ ମଳିକଙ୍କର ପୁଅ ଲଳିତ ମଳିକ(୧୪) ସେ ନବମ ଶ୍ରେଣୀରେ ପଢୁଛନ୍ତି । ସେ ବର୍ତ୍ତମାନ ଭୁବନେଶ୍ୱର କିମସ୍ ମେଡିକାଲ୍ ରେ ବ୍ରେନ୍ ସ୍ପାଇନାଲ୍ କର୍ଟରେ ଚିକିତ୍ସା ହେଉଛନ୍ତି । ତାଙ୍କ ବାପା ଜଣେ ମୂଲିଆ ଶ୍ରେଣୀର ହୋଇଥିବାର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ସୂଚନା ଥାଉକି ଆଜକୁ ଦେଢ଼ମାସ ତଳେ ସେ ନଦୀକୁ ଗାଧୋଇବା ପାଇଁ ଯାଉଥିବା ସମୟରେ ଗୋଟିଏ ଚାରିଚକିଆ ଗାଡି ଭାରସାମ୍ୟ ହରାଇ ତାଙ୍କ ସହ ଦୃର୍ଘଟଣା ହୋଇଥିଲା । ବିଳମ୍ବ ନ କରି ତାଙ୍କୁ ମେଡିକାଲ୍ ରେ ଭର୍ତ୍ତି କରାଯାଇଥିଲା । ତାଙ୍କର ମୁଣ୍ଡର ସ୍ନାୟୁ କୋଷ କ୍ଷତି ହୋଇଥିବାର ଜଣାପଡିଥିଲା । ସେ ବର୍ତ୍ତମାନ ଭୁବନେଶ୍ୱରରେ ଥିବା କିମସ୍ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ହେଲେ ଦୁଃଖର ବିଷୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡରେ ଥିବା ଟଙ୍କା ସରିଯାଇଛି ଏବେ ଚିକିତ୍ସା ପାଇଁ ଆହୁରି ଲକ୍ଷାଧିକ ଟଙ୍କା ଦରକାର ପଡୁଛି ।

## ୯୬ତମ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଶ୍ରାଦ୍ଧ ଦିବସ ପାଳିତ



ବାଲିଅନ୍ତା,(ପି.ଏନ) : ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମପଞ୍ଚାୟତର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଯଶୁଆପୁର ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ୯୬ ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ମହାନ୍ ଦେଶ ସେବକ, ସମାଜ ଖବର କାଗଜର ପ୍ରତିଷ୍ଠାତା, ତ୍ୟାଗ ଓ ସେବାର ପ୍ରତୀକ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର, ସାହିତ୍ୟ ସାଧକଙ୍କୁ ଅତିଥିମାନଙ୍କ ଦ୍ୱାରା ପୁଷ୍ପ ମଲ୍ୟ, ବିନମ୍ର ଭକ୍ତିପୂତ ସୁମନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରଯାଇଥିଲା । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସାଂସଦଙ୍କ ବାଲିଅନ୍ତା ବ୍ଲକ ପ୍ରତିନିଧି ଶିବ ମଲ୍ଲିକ ଯୋଗଦେଇ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନୀ ଉପରେ ଛାତ୍ର ଛାତ୍ରୀଙ୍କୁ ବାର୍ତ୍ତା ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବାଲକାଟି ମଣ୍ଡଳ ବିଜେପିର ସଭାପତି ବିଜୟ ମହାରଣା, ଦିନବନ୍ଧୁ ଭୋଇ, ବଳରାମ ବେହେରା ଓ ବାସୁଦେବ ସାହୁ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସମିତିସଭ୍ୟ ରଂଜନ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ଯୁବ ସାମ୍ବାଦିକ ପ୍ରଳୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତି ରହି ରହିଥିଲେ ।

## ଚିକିତ୍ସା ପାଇଁ ଅର୍ଥବାଧକ ମୃତ୍ୟୁ ସହ ଯୁଦ୍ଧ କରୁଛନ୍ତି ଲଳିତ

ଜେନାପୁର,(ପି.ଏନ୍): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋତପୁର ପଞ୍ଚାୟତସ୍ଥିତ କୋତପୁର ଗ୍ରାମର ଟୁଟୁ ମଳିକଙ୍କର ପୁଅ ଲଳିତ ମଳିକ(୧୪) ସେ ନବମ ଶ୍ରେଣୀରେ ପଢୁଛନ୍ତି । ସେ ବର୍ତ୍ତମାନ ଭୁବନେଶ୍ୱର କିମସ୍ ମେଡିକାଲ୍ ରେ ବ୍ରେନ୍ ସ୍ପାଇନାଲ୍ କର୍ଟରେ ଚିକିତ୍ସା ହେଉଛନ୍ତି । ତାଙ୍କ ବାପା ଜଣେ ମୂଲିଆ ଶ୍ରେଣୀର ହୋଇଥିବାର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ସୂଚନା ଥାଉକି ଆଜକୁ ଦେଢ଼ମାସ ତଳେ ସେ ନଦୀକୁ ଗାଧୋଇବା ପାଇଁ ଯାଉଥିବା ସମୟରେ ଗୋଟିଏ ଚାରିଚକିଆ ଗାଡି ଭାରସାମ୍ୟ ହରାଇ ତାଙ୍କ ସହ ଦୃର୍ଘଟଣା ହୋଇଥିଲା । ବିଳମ୍ବ ନ କରି ତାଙ୍କୁ ମେଡିକାଲ୍ ରେ ଭର୍ତ୍ତି କରାଯାଇଥିଲା । ତାଙ୍କର ମୁଣ୍ଡର ସ୍ନାୟୁ କୋଷ କ୍ଷତି ହୋଇଥିବାର ଜଣାପଡିଥିଲା । ସେ ବର୍ତ୍ତମାନ ଭୁବନେଶ୍ୱରରେ ଥିବା କିମସ୍ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ହେଲେ ଦୁଃଖର ବିଷୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡରେ ଥିବା ଟଙ୍କା ସରିଯାଇଛି ଏବେ ଚିକିତ୍ସା ପାଇଁ ଆହୁରି ଲକ୍ଷାଧିକ ଟଙ୍କା ଦରକାର ପଡୁଛି । ତେଣୁ ତାଙ୍କ ପରିବାର ପକ୍ଷରୁ ବିନିତ ଗୁହାରି କରିଛନ୍ତି କୌଣସି ସହୃଦୟ ବ୍ୟକ୍ତି ଓ ସମାଜସେବୀ ସଂଗଠନ ସହଯୋଗର ହାତ ବଢାନ୍ତି ତାହେଲେ ଜୀବନ ବଞ୍ଚିବା ସହିତ ଆରୋଗ୍ୟ ହୋଇପାରନ୍ତା । ଆର୍ଥିକ ସାହାଯ୍ୟ କରିବାକୁ ଚାହୁଁଥିଲେ ଏହି ବ୍ୟାଙ୍କ୍ ନଂ ରେ ପଠାଇ ପାରିବେ ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray